

ମାନବ ଜନ୍ମ ଦୁର୍ଲ୍ଲଭ ଅଟେ। ନବ କଳେବରଠାରୁ ଶ୍ରେଷ୍ଠ କଳେବର ଏ ସୃଷ୍ଟିରେ ଆଉ କିଛି ନାହିଁ। ଥରେ ଘଟ ଛୁଟିଲେ ଆଉ କ'ଣ ମିଳିବ?
- ମହାପୁରୁଷ ଅଚ୍ୟୁତାନନ୍ଦ



## ସଂକ୍ଷେପରେ

### ବେଆଇନ ମାଙ୍କଡ଼ା ପଥର ବୋଝେଇ ୨ ଟ୍ରକ୍ ଜବତ, ୨ ଗିରଫ

**ଚଣ୍ଡିଖୋଲ, ୧୯।୯(ଡି.ଏନ.ଏ):** ଦର୍ପଣ ତହସିଲ ଅନ୍ତର୍ଗତ ଜୋରାବାଟି ମୌଜାରେ ଦୀର୍ଘଦିନ ହେଲା ବେଆଇନ ମାଙ୍କଡା ଖାଦାନ ଚାଲୁଛି। ତହସିଲ ତରଫରୁ ଏଠାରେ ୧୪୪ଧାରା ଜାରି କରାଯାଇଥିଲେ ମଧ ପଥର ମାଫିଆମାନେ ଏହାକୁ ମାନୁ ନାହାନ୍ତି। ବଡ଼ଚଣା ପୋଲିସ ବୁଧବାର ଭୋର ସମୟରେ ଏହି ବେଆଇନ ମାଙ୍କଡା ଖାଦାନ ଉପରେ ଚଢାଉ କରିବା ସମୟରେ ୨ଟି ମାଙ୍କଡା ପଥର ବୋଝେଇ ଟ୍ରକ(ଓଆର୦୪ଡି୫୩୯୮), (ଓଆର୦୯ଏଫ୍୪୧୩୫) ଖାଦାନରୁ ବାହାରୁଥିବାବେଳେ ଜବତ କରିଥିଲା। ଟ୍ରକ୍ ଚାଳକ ଦର୍ପଣଗଡ ଗ୍ରାମର ବଳରାମ ମଲିକ ଓ ମହାଖଳା ଗ୍ରାମର ସୁଶାନ୍ତ ଖଟୁଆଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ତୁରନ୍ତ ଖାଦାନ ମାଲିକ ଓ ଟ୍ରକ ମାଲିକ ମାନଙ୍କୁ ଗିରଫ କରାଯିବ ବୋଲି ବଡଚଣା ଥାନାଅଧିକାରୀ ଶରତ ଚନ୍ଦ୍ର ପାତ୍ର ସୂଚନା ଦେଇଛନ୍ତି।

### ଆନ୍ତର୍ଜାତିକ ବୈଷୟିକ ତାଲିମ ପାଇଁ ଓଡ଼ିଶାରୁ ୫ ମନୋନୀତ

**ଚଣ୍ଡିଖୋଲ, ୧୯।୯(ଡି.ଏନ.ଏ):** ଆସନ୍ତା ୨୪ ତାରିଖରୁ ଦୁବାଇ ଠାରେ ଆର୍ନ୍ତଜାତିକ ବୈଷୟିକ ତାଲିମ ଅନୁଷ୍ଠିତ ହେବ। ସେଥିପାଇଁ ଓଡିଶାରୁ ୫ ଜଣ ମନୋନୀତ ହୋଇଛନ୍ତି। ରାଜ୍ୟ କ୍ରଶର ମାଲିକ ସଂଘ ସଭାପତି ଚନ୍ଦନ କୁମାର ନାୟକ, ଲଘୁ ଖଣିଜ ପରିବହନ ମାଲିକ ସଂଘର ସଭାପତି ଅଜମ୍ବର ସାହୁ, ପୂର୍ବତନ ଟ୍ରକ ମାଲିକ ସଂଘ ସଭାପତି ପ୍ରମୋଦ ନାୟକ ପ୍ରମୁଖ ୫ ଜଣିଆ ଟିମ ୨୦ତାରିଖରୁ ଦୁବାଇ ଗସ୍ତରେ ଯିବେ ଏବଂ ଆସନ୍ତା ଅକ୍ଟୋବର ୨ ତାରିଖରେ ଫେରିବେ। ୨୪ତାରିଖରୁ ୨୭ ତାରିଖ ପର୍ଯ୍ୟନ୍ତ ୪ଦିନ ବ୍ୟାପି ଅନୁଷ୍ଠିତ ହେବାକୁ ଥିବା ଆର୍ନ୍ତଜାତିକ ବୈଷୟିକ ତାଲିମ ପ୍ରତିଷ୍ଠାନରେ ତାଲିମ ପାଇବେ ବୋଲି ସୂଚନା ମିଳିଛି।

### ୮ ଜଣଙ୍କଠାରୁ ଜରିମାନା ଆଦାୟ

**ଯାଜପୁର ଅଫିସ,୧୯।୯:** ପାନ, ଗୁଟ୍‌ଖା ବ୍ୟବହାର କରି ରାସ୍ତାଘାଟ, ଅଫିସ, ଯାତାୟାତ ସ୍ଥଳ, ଚିକିତ୍ସାଳୟ ପ୍ରମୁଖ ସ୍ଥାନକୁ ପାନଛେପ, ଗୁଟ୍‌ଖା ଜରି, ବିଡି ସିଗାରେଟର ଟୁକୁଡା ପକାଇ ଅପରିଷ୍କାର କରୁଥିବା ୮ଜଣ ବ୍ୟକ୍ତିଙ୍କଠାରୁ ୯୮୦ ଟଙ୍କା ଜରିମାନା ଆଦାୟ ହୋଇଛି। ବୁଧବାର ଜିଲାପାଳ ରଞ୍ଜନ କୁମାର ଦାସ, ଏସପି ଚରଣ ସିଂ ମୀନା, ଅତିରିକ୍ତ ଜିଲାପାଳ ମିହିର ପ୍ରସାଦ ମହାନ୍ତି, ଉପଜିଲାପାଳ ନାରାୟଣଚନ୍ଦ୍ର ଧଳ, ଯାଜପୁର ପୌରାଧ୍ୟକ୍ଷ ଭବ ପ୍ରସାଦ ଦାସ, ସିଡିଏମଓ ବାରିଶ ଦାସ, ଜଳ ଓ ପରିମଳ ନିର୍ବାହୀ ଯନ୍ତ୍ରୀ ଅମୀୟ ପରିଜା, ପ୍ରେସ କ୍ଲବ ସଭାପତି ରାଜୀବ ମହାନ୍ତି ପ୍ରମୁଖ ଜିଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମରେ ଜିଲା ମୁଖ୍ୟ ଚିକିତ୍ସାଳୟ ସଫେଇ କରିଥିଲେ। ଚିକିତ୍ସାଳୟ ବାହାର, ୱାର୍ଡ ଭିତର, ଶୌଚାଳୟଗୁଡିକୁ ମଧ ଅନୁଧାନ କରି ପରିଷ୍କାର କରାଯାଇଥିଲା। ଏହି ସମୟରେ କିଛି ଲୋକ ପାନଗୁଟ୍‌ଖା ଖାଇଥିବା ଦେଖିବା ପରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ।

# କାମରେ ଲାଗୁନି ୧୧୭୦୩ ଏମ୍‌ସିଏମ୍ ନଦୀ ଜଳ

**ଯାଜପୁର ଅଫିସ,୧୯।୯**

**ଯାଜପୁର ଜିଲା**
- ସାଧାରଣ ଜଳଯୋଗାଣର ୧୨ଗୁଣ ଅଧିକ ଶିଳ୍ପରେ ବ୍ୟବହୃତ
- ଭୂତଳ, ବର୍ଷା ଜଳ ସଂରକ୍ଷଣ ପଦକ୍ଷେପ ଫେଲ୍

ଜିଲାର ୩ଟି ପ୍ରମୁଖ ନଦୀର ୧୧,୭୦୩.୫୫ ମିଲିୟନ କ୍ୟୁବିକ ମିଟର(ଏମ୍‌ସିଏମ୍) ଜଳ ବ୍ୟବହାର ନ ହୋଇ ସମୁଦ୍ରରେ ମିଶୁଛି। ଜଳ ସମ୍ପଦର ସଂରକ୍ଷଣ ଓ ସୁରକ୍ଷା ବ୍ୟବସ୍ଥା ସହ ଜଳସେଚନର ସୁବିଧା ପାଇଁ ସରକାରଙ୍କ ପକ୍ଷରୁ ପ୍ରଣୀତ ବିଭିନ୍ନ ପ୍ରକଳ୍ପ ଯାଜପୁର ଜିଲାରେ ଉପେକ୍ଷିତ ହେଉଥିବାରୁ ଏହି ପରିସ୍ଥିତି ସୃଷ୍ଟି ହୋଇଛି। ଏହାସହ ଭୂତଳ ଜଳ ଓ ବର୍ଷାଜଳକୁ ସଂରକ୍ଷଣ କରିବା ପାଇଁ ସରକାରଙ୍କ ବିଭିନ୍ନ ପଦକ୍ଷେପ ଯାଜପୁର ଜିଲାରେ ନୈରାଶ୍ୟଜନକ ହୋଇଛି । ଅନ୍ୟପକ୍ଷେ ଜିଲାରେ ଗଢି ଉଠିଥିବା ଶିଳ୍ପ କାରଖାନାଗୁଡିକରେ ନଦୀ ଓ ଭୂତଳ ଜଳ ବ୍ୟବହାର ଅଣାୟତ୍ତ ହେଉଥିବାରୁ ଜିଲାର ଭୂତଳ ଜଳସ୍ତର ନିମ୍ନଗାମୀ ହୋଇ ପାନୀୟ ଜଳସମସ୍ୟା ଉତ୍କଟ ହେଉଛି ।
ଓଡିଶାରେ ୧୧ଟି ବୃହତ ନଦୀ ପ୍ରବାହିତ ହେଉଛି । ତନ୍ମଧ୍ୟରୁ ଆନ୍ତଃରାଜ୍ୟ ମହାନଦୀ, ବ୍ରାହ୍ମଣୀ, ସୁବର୍ଣ୍ଣରେଖା ଏବଂ ଓଡ଼ିଶାରେ ଉତ୍ପତି ହୋଇଥିବା ବୈତରଣୀ, ବୁଢାବଳଙ୍ଗ, ରଷିକୁଲ୍ୟା ପ୍ରବାହିତ ହୋଇ ସମୁଦ୍ରରେ ମିଶିଛନ୍ତି। ତନ୍ମଧ୍ୟରୁ ବ୍ରାହ୍ମଣୀ, ବୈତରଣୀ, ବୁଢାବଳଙ୍ଗ ଓ ଏହାର ଶାଖାନଦୀଗୁଡିକ ଯାଜପୁର ଜିଲା ଦେଇ ପ୍ରବାହିତ ହୋଇ ସମୁଦ୍ରରେ ମିଶୁଛି। ଏହି ଜିଲାରେ ୧୦ରୁ ଉର୍ଦ୍ଧ୍ୱ ବୃହତ ଶିଳ୍ପ କାରଖାନା ଗଢି ଉଠିବା ସହ ଅନେକ ପୁଣି ପାଦ ଥାପିବା ଆରମ୍ଭ କରିଛନ୍ତି। ଏପରିକି ରତ୍ନଗର୍ଭା ସୁକିନ୍ଦା ଅଞ୍ଚଳର ବିଭିନ୍ନ ଖଣି କମ୍ପାନୀ ମଧ ଭୂତଳ ଓ ନଦୀ ଜଳ ବ୍ୟବହାର କରୁଛନ୍ତି। ରାଜ୍ୟରେ ୧୧ଟି ନଦୀର ସର୍ବମୋଟ ଜଳପ୍ରବାହ ୯୫,୫୪୦ମିଲିୟନ କ୍ୟୁବିକ ମିଟର(ଏମ୍‌ସିଏମ୍) ହୋଇଥିବାବେଳେ ଯାଜପୁର ଜିଲା ଦେଇ ଯାଇଥିବା ବୁଢାବଳଙ୍ଗ, ବ୍ରାହ୍ମଣୀ ଓ ବୈତରଣୀ ନଦୀର ଜଳପ୍ରବାହ ୨୧,୯୬୬ଏମସିଏମ । ଏହି ୩ଟି ନଦୀରୁ ଜଳସେଚନ ପାଇଁ ୩୯୫୧.୫୧ ଏମସିଏମ, ଲୋକଙ୍କ ପାଇଁ ଜଳଯୋଗାଣର କ୍ଷେତ୍ରରେ ୮୨.୩୦ ଏମସିଏମ, ଶିଳ୍ପ ପାଇଁ ୧୦୫୫.୯୫ ଏମ୍‌ସିଏମ୍ ଓ ପର୍ଯ୍ୟାବରଣ ପାଇଁ ବର୍ଷକୁ ୪୭୨୨.୭୦ ଏମସିଏମ ଜଳ ଆବଶ୍ୟକ ହୁଏ। ଏହି ଚାହିଦା ମେଣ୍ଟାଇବା ପରେ ବଳକା ୧୧,୭୦୩.୫୫ ଏମସିଏମ ଜଳ ସମୁଦ୍ରରେ ମିଶୁଛି। ଏଥିରୁ ସ୍ପଷ୍ଟ ଯେ, ଯାଜପୁର ଜିଲାରେ ସାଧାରଣ ଲୋକଙ୍କ ପାଇଁ ବ୍ୟବହୃତ ହେଉଥିବା ନଦୀଜଳର ୧୨ଗୁଣ ଅଧିକ ଜଳ ଶିଳ୍ପ ପାଇଁ ବ୍ୟବହୃତ ହେଉଛି। ଖରା ମାସରେ ଜିଲାବାସୀଙ୍କୁ ଏଥିଯୋଗୁ ଜଳକ୍ଲିଷ୍ଟତାର ସମ୍ମୁଖୀନ ହେବାକୁ ପଡୁଛି। ଅନ୍ୟପକ୍ଷେ ଭୂତଳ ଜଳର ବ୍ୟବହାରକୁ ନେଇ ଏହି ଶିଳ୍ପ କାରଖାନା ଏବେ ଜିଲାର ଭାଗ୍ୟ ଭବିଷ୍ୟତକୁ ଅନ୍ଧାର ମଧ୍ୟକୁ ଠେଲି ଦେଇଛନ୍ତି। ଏବେ ଭୂତଳ ଜଳକୁ ନେଇ ପୁନର୍ବାର ଏକ ବଡ଼ ଧରଣର ବିପଦ ସାମ୍ନାକୁ ଆସିଛି। ଆର୍ଥିକ ଅଭିବୃଦ୍ଧି ଓ ନିଯୁକ୍ତି ସୁଯୋଗ ସୃଷ୍ଟି ଲକ୍ଷ୍ୟରଖି ସରକାରଙ୍କ ଶିଳ୍ପପ୍ରୀତି ଏବେ ଯାଜପୁରବାସୀଙ୍କ ପାଇଁ କାଳ ହୋଇଛି। କେଉଁ କମ୍ପାନୀ କେତେ ପରିମାଣର ଭୂତଳ ଜଳ ବ୍ୟବହାର କରୁଛି, ତାର ତଥ୍ୟ ପ୍ରଶାସନ ପାଖରେ ଖୋଜିଲେ ବି ମିଳୁନି। ତଥାପି କେହି ବି ଏହି ଗୁରୁତର ସମସ୍ୟାର ପ୍ରତିକାର ପାଇଁ ଆଦୌ ଚେଷ୍ଟିତ ନ ଥିବା ପରି ମନେ ହେଉଛି । ଗଣମାଧ୍ୟମରେ ପ୍ରକାଶିତ ଖବର ଉପରେ ବିଭାଗୀୟ ଇଞ୍ଜିନିୟର-ଇନ-ଚିଫ୍‌ଙ୍କୁ ପତ୍ରସଂଖ୍ୟା ୫୧୬/୧୩।୨୦୧୬ରେ ଦେଇଥିବା ସ୍ପଷ୍ଟିକରଣରେ ଚଣ୍ଡିଖୋଲ(ଯାଜପୁର) ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ଖଣ୍ଡ ନିର୍ବାହୀ ଯନ୍ତ୍ରୀ ଅମିୟ କୁମାର ପରିଜା ଏହି ମର୍ମରେ କହିଛନ୍ତି ଯେ, ଦାନଗଦୀ ବ୍ଲକରେ ବିଭିନ୍ନ ଶିଳ୍ପ ସଂସ୍ଥା ଗଢି ଉଠୁଥିବାରୁ ଶିଳ୍ପ ପାଇଁ ଜଳ ଆବଶ୍ୟକ ପଡୁଛି। ସଂସ୍ଥାଗୁଡିକ ନିଜନିଜ କାରଖାନା ଅଞ୍ଚଳରେ ବୋରୱେଲ ଖନନ କରି ଅଧିକ କ୍ଷମତା ବିଶିଷ୍ଟ ବିଦ୍ୟୁତ ଚାଳିତ ମୋଟର ଲଗାଇ ସେମାନଙ୍କ ଚାହିଦା ପୂରଣ କରୁଛନ୍ତି। ଫଳରେ ଶିଳ୍ପାଞ୍ଚଳ ନିକଟରେ ଥିବା ନଳକୂପ ଓ କୂପର ଜଳ ନିମ୍ନଗାମୀ ହେଉଛି। ପୁନଶ୍ଚ ଶିଳ୍ପାଞ୍ଚଳ ପାଖ ଦେଇ ବହିଯାଉଥିବା ନଦୀର ଜଳକୁ ସଂଗ୍ରହ କରି କାରଖାନାର ଚାହିଦା ମୁତାବକ ଜଳ ବ୍ୟବହାର କରୁଛନ୍ତି। ଦାନଗଦୀ, ଟେଲିବାହାଲି, ସୋଲେଇ, ସିଙ୍ଗାଡିଆ, ମାନଗୋବିନ୍ଦପୁର, ଧୂଳିଗଡ, କଣ୍ଟିପୁର, ବାଲୁଙ୍ଗାବନ୍ଧି, ଯଖପୁରା ଅଞ୍ଚଳରେ ଥିବା ନଳକୂପର ଜଳସ୍ତର ହ୍ରାସ ପାଇବାରେ ଲାଗିଛି। ତଥାପି ସରକାର ଜଳ ସଂରକ୍ଷଣ ପାଇଁ କୌଣସି ବ୍ୟବସ୍ଥା ଗ୍ରହଣ ନ କରି ନୂତନ ଭାବେ ପାଦ ଥାପୁଥିବା ଶିଳ୍ପ କମ୍ପାନୀକୁ ଆହୁରି ଭୂତଳ ଜଳ ବ୍ୟବହାର ପାଇଁ ଅନୁମତି ପ୍ରଦାନ କରୁଛନ୍ତି। ନିକଟରେ ଧର୍ମଶାଳା ହରିଦାସପୁରଠାରେ ନିର୍ମାଣାଧିନ ରାମ୍‌କୋ ସିମେଣ୍ଟ ଗ୍ରାଇଣ୍ଡିଂ ୟୁନିଟ ପାଇଁ ଦୈନିକ ୧୦୦କିଲୋଲିଟର ଭୂତଳ ଜଳ ବ୍ୟବହାର କରିବାକୁ ଅନୁମତି ପ୍ରଦାନ କରିଛନ୍ତି। ଏ ସଂକ୍ରାନ୍ତରେ ବେସିନ ପ୍ଲାନିଂ ଏବଂ କ୍ଲାଇମେଟ ଚେଞ୍ଜ ଓଡିଶା ସେଚ ସଦନର ଚିଫ୍ ଇଞ୍ଜିନିୟର ବିଭୂତିଭୂଷଣ ଧଳ ବିଧାନସଭାରେ ଏକ ପ୍ରଶ୍ନର ଉତ୍ତରରେ ଦର୍ଶାଇଛନ୍ତି ଜଳସେଚନ, କୃଷି, ଶିଳ୍ପ, ପର୍ଯ୍ୟାବରଣ ପାଇଁ ବର୍ଷକୁ ୪୪୮୯୪ ଏମସିଏମ ଜଳ ଆବଶ୍ୟକ ହେଉଥିବାବେଳେ ବଳକା ଜଳ ୫୦୬୪୬ ଏମସିଏମ ସମୁଦ୍ରରେ ମିଶୁଛି।

### ପୃଥକ୍ ଦୁର୍ଘଟଣାରେ ଜଣେ ଗୁରୁତର, ୨ ଆହତ

**ସୁକିନ୍ଦା, ୧୯।୯(ଡି.ଏନ.ଏ.)**

ସୁକିନ୍ଦା ଥାନା ଅଞ୍ଚଳରେ ବୁଧବାର ୨ଟି ସ୍ଥାନରେ ଦୁର୍ଘଟଣା ଘଟି ଜଣେ ଗୁରୁତର ହୋଇଥିବାବେଳେ ଅନ୍ୟ ୨ ଜଣ ଆହତ ହୋଇଛନ୍ତି । ପ୍ରକାଶ ଯେ,ସୁକିନ୍ଦା ଥାନା ଅନ୍ତର୍ଗତ ସୁକିନ୍ଦାଗଡ଼ସ୍ଥିତ ବାଘପୋଖରୀ ଛକଠାରେ ହରିପୁର ଗ୍ରାମର କୃଷ୍ଣଚନ୍ଦ୍ର ମିଶ୍ର (୬୫) ଚଳନ୍ତା ବସ୍‌ରୁ ଖସିପଡ଼ି ଗୁରୁତର ହୋଇଥିଲେ। ଗୁରୁତର ଅବସ୍ଥାରେ ପ୍ରଥମେ ତାଙ୍କୁ ସୁକିନ୍ଦାସ୍ଥିତ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ଆଶୁ ଚିକିତ୍ସା ପରେ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। କୃଷ୍ଣଚନ୍ଦ୍ର ପ୍ରତ୍ୟେକ ଦିନ ଖଣି ଅଞ୍ଚଳର ଗରାମିଆ ଗ୍ରାମରେ ଥିବା ଶିବ ମନ୍ଦିରକୁ ପୂଜା କରିବାକୁ ଯାଇଥାନ୍ତି। ତେବେ ପୂଜା ସାରି ଘରକୁ ଫେରୁଥିବା ସମୟରେ ବସ୍‌ରୁ ଓହ୍ଲାଇଲାବେଳେ ଖସିପଡିଥିଲେ। ସେହିପରି ସୁକିନ୍ଦା ଦେଇ ଯାଇଥିବା ୫୩ ନଂ ଜାତୀୟ ରାଜପଥର ମଙ୍ଗଳପୁର ଛକ ନିକଟରେ କେନ୍ଦୁଡିପି ଗ୍ରାମର ଦୁଇଜଣ ଯୁବକ ବାଇକରୁ ପଡି ଆହତ ହୋଇଛନ୍ତି । ଆହତମାନେ ହେଲେ ସାଗର ଦେହୁରୀ(୨୫) ଏବଂ ସୁଦାମ ଦେହୁରୀ(୨୫) । ସେମାନଙ୍କୁ ମଧ ସୁକିନ୍ଦା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଣାଯାଇ ଆଶୁ ଚିକିତ୍ସା କରାଯାଇଥିଲା ।



ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର 'ପ୍ଲାଷ୍ଟିକ୍ ଫ୍ରି ଓଡ଼ିଶା' ଅଭିଯାନରେ ସାମିଲ ହୋଇଛନ୍ତି ଯାଜପୁରରୋଡ଼ସ୍ଥିତ ଗ୍ଲୋରିୟସ୍ ଇଂଲିଶ୍ ମିଡିୟମ୍ ସ୍କୁଲର ଛାତ୍ରୀଛାତ୍ର।

## ଦ୍ୱିତୀୟ ଦିନରେ ଡିପ୍ଲୋମା ଇଞ୍ଜିନିୟରଙ୍କ ଧାରଣା, ଉନ୍ନୟନ କାମ ଠପ୍

**ବିରଜାକ୍ଷେତ୍ର, ୧୯।୯(ଡ଼ି.ଏନ୍.ଏ)**


ଧାରଣାରେ ବସିଥିବା ଡିପ୍ଲୋମା ଇଞ୍ଜିନିୟର୍ସ ସଂଘର ସଦସ୍ୟ।

ଡିପ୍ଲୋମା ଇଞ୍ଜିନିୟରଙ୍କ ସମୂହ ଛୁଟି ଓ ଧାରଣା ଦ୍ୱିତୀୟ ଦିନରେ ପହଞ୍ଚିଛି। ଡିପ୍ଲୋମା ଇଞ୍ଜିନିୟର କାର୍ଯ୍ୟ ବନ୍ଦ କରି ଧାରଣାରେ ବସି ରହିଥିବାରୁ ଉନ୍ନୟନ କାର୍ଯ୍ୟ ଏକ ପ୍ରକାର ଠପ୍ ହୋଇଯାଇଛି। ରାଜ୍ୟ ସଂଘର ଆହ୍ୱାନ କ୍ରମେ ଯାଜପୁର ଜିଲାରେ କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟର ୧୮ତାରିଖ ମଙ୍ଗଳବାର ଠାରୁ ସମୂହ ଛୁଟି ନେବା ସହ ଧାରଣାରେ ବସିଛନ୍ତି। ଜିଲାର ୧୯୧ଜଣ ବିଭିନ୍ନ ବିଭାଗରେ କାର୍ଯ୍ୟରତ ଡିପ୍ଲୋମା ଇଞ୍ଜିନିୟର ଧାରଣାରେ ସାମିଲ ହୋଇଛନ୍ତି। ଯାଜପୁର, ଜାରକା ଓ ଯାଜପୁର ରୋଡ଼ରେ ଡିପ୍ଲୋମା ଇଞ୍ଜିନିୟରମାନେ ୫ ଦଫା ଦାବି ନେଇ ଧାରଣାରେ ବସି ରହିଛନ୍ତି। ରାଜ୍ୟ ସଂଘ କରିଥିବା ଦାବି ପୂରଣ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ସ୍ପଷ୍ଟ ନିର୍ଦ୍ଦେଶ ସତ୍ତ୍ୱେ କ୍ୟାଡ଼ର ପୁର୍ନଗଠନରେ ଡିପ୍ଲୋମା ଇଞ୍ଜିନିୟରଙ୍କୁ ସମାନ ନ୍ୟାୟ ନ ମିଳିବା, କ୍ୟାବିନେଟ ନିଷ୍ପତ୍ତି ପଞ୍ଚାୟତରାଜ ବିଭାଗରେ କାର୍ଯ୍ୟକାରୀ କରିବାରେ ଅହେତୁକ ବିଳମ୍ବ ହେବା ଇତ୍ୟାଦି ୫ ଦଫା ଦାବି ପୂରଣରେ ସରକାର ଅବହେଳା ପ୍ରଦର୍ଶନ କରୁଥିବା ପ୍ରତିବାଦରେ ଡିପ୍ଲୋମା ଇଞ୍ଜିନିୟର ସମୂହ ଛୁଟି ନେବା ସହ ଧାରଣାରେ ବସିରହିଛନ୍ତି। ଡିଗ୍ରୀ ଇଞ୍ଜିନିୟରଙ୍କ ଦରମା ଓ ପଦୋନ୍ନତି ହାର ଅହେତୁକ ଭାବେ ବୃଦ୍ଧି ପାଉଥିବା ବେଳେ ଡିପ୍ଲୋମା ଇଞ୍ଜିନିୟରଙ୍କ ଦରମା ଓ ପଦୋନ୍ନତି ହାରକୁ ଉଦ୍ଦେଶ୍ୟମୂଳକ ଭାବେ ଦିଆଯାଉଛି ବୋଲି ସଂଘ ଅଭିଯୋଗ କରିଛି। ସେପ୍ଟେମ୍ବର ୧୮ତାରିଖରେ ରାଜ୍ୟ ସଂଘର ନିଷ୍ପତ୍ତି କ୍ରମେ ଯାଜପୁର ଜିଲା ଡିପ୍ଲୋମା ଇଞ୍ଜିନିୟରମାନେ ସମୂହ ଛୁଟିରେ ଯିବେ ବୋଲି ପୂର୍ବରୁ ସୂଚନା ଦିଆଯାଇଥିଲା। ସଂଘର ଜିଲା ସଭାପତି ପ୍ରଶାନ୍ତ କୁମାର ଦାସ, ସମ୍ପାଦକ ସୁଧାଂଶୁ ଶେଖର ନାୟକଙ୍କ ନେତୃତ୍ୱରେ ଡିପ୍ଲୋମା ଇଞ୍ଜିନିୟର ରାହାସ ବିହାରୀ ଜେନା, ରବିନ୍ଦ୍ର କୁମାର ଦାସ, ହରେକୃଷ୍ଣ ସାହୁ, ମହେଶ୍ୱର ସାହୁ, ଅଭିମନ୍ୟୁ ମିଶ୍ର, ପ୍ରଫୁଲ୍ଲ କୁମାର ସାହୁଙ୍କ ସମେତ ଶତାଧିକ ଇଞ୍ଜିନିୟର ଧାରଣାରେ ବସି ରହିଥିଲେ।

## ପଚିଗଲା ୧୦ହଜାର ହେକ୍ଟର ଖରିଫ ଧାନଫସଲ

**ବିଞ୍ଝାରପୁର,୧୯।୯(ଡି.ଏନ.ଏ)**

**ସହାୟତାପାଇଁ କୃଷି କାର୍ଯ୍ୟାଳୟ ଘେରିଲେ ଚାଷୀ**

ପ୍ରତିବର୍ଷ ବନ୍ୟା, ମରୁଡି, ଲଗାଣ ବର୍ଷା ବିଞ୍ଝାରପୁର ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି କରି ଚାଷୀର ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି। ତଥାପି ଚାଷୀ ଭାଙ୍ଗି ନ ଯାଇ ଚାଷ କରୁଛି। ଗତ କିଛି ଦିନ ତଳେ ବିଞ୍ଝାରପୁର ଅଞ୍ଚଳରେ ହୋଇଥିବା ଲଗାଣ ବର୍ଷା ପୁଣି ଚାଷୀର ଅଣ୍ଟାକୁ ଭାଙ୍ଗି ଦେଇଛି । ବିଞ୍ଝାରପୁର ବ୍ଲକର ୨୯ ପଞ୍ଚାୟତ ମଧ୍ୟରୁ ମୋଟ ୧୬ହଜାର ହେକ୍ଟର ଜମିରେ ଧାନ ଚାଷ କରାଯାଉଥିବା ବେଳେ ଚଳିତ ଲଗାଣ ବର୍ଷାରେ ୧୨ହଜାର ୬୩୦ ହେକ୍ଟର ଧାନ ଚାଷ ହୋଇଥିବା କ୍ଷେତରେ ଆଣ୍ଠୁଏ ଆଣ୍ଠୁଏ ପାଣି ଜମି ରହିଛି। ଫଳରେ ଖରିଫ ଧାନ ଫସଲ ସମ୍ପୂର୍ଣ୍ଣ ପଚିଯାଇଥିବା ଦେଖାଯାଇଛି। ଚାଷୀ ଚିନ୍ତାରେ ମୁଣ୍ଡରେ ହାତ ଦେଇଛି। ବ୍ଲକର ୨୯ ପଞ୍ଚାୟତର ୧୧୪ଗାଁର ୧୨ହଜାର୬୩୦ହେକ୍ଟର ଚାଷ ଜମିରେ ପାଣି ଜମି ରହି ଖରିଫ ଧାନ ଫସଲକୁ ପ୍ରଭାବିତ କରିଥିବା ବିଞ୍ଝାରପୁର କୃଷି ବିଭାଗ ଓ ତହସିଲ କାର୍ଯ୍ୟାଳୟ ପକ୍ଷରୁ ତଦନ୍ତ କରାଯାଇ ଜିଲାପାଳଙ୍କୁ ରିପୋର୍ଟ ପ୍ରଦାନ କରାଯାଇଛି। ତେବେ ମଙ୍ଗଳବାର ପୂର୍ବାହ୍ନରେ ବିଞ୍ଝାରପୁର ବ୍ଲକରେ ଲଗାଣ ବର୍ଷାରେ ପ୍ରଭାବିତ ଚାଷୀମାନେ ସରକାରୀ ସହାୟତା ପାଇବା ପାଇଁ ସହକାରୀ କୃଷି କାର୍ଯ୍ୟାଳୟରେ ପହଞ୍ଚି ସହକାରୀ କୃଷି ଅଧିକାରୀ ରଘୁନାଥ ଜେନାଙ୍କୁ ଘେରିଥିଲେ । ସହକାରୀ କୃଷିଅଧିକାରୀ ଯେନା ପ୍ରଭାବିତ ଚାଷୀଙ୍କୁ ସରକାରୀ ସହାୟତା ପାଇବାର ଆଶ୍ୱାସନା ଦେଇଥିଲେ। ସପ୍ତାହ ବ୍ୟାପି ଖରିଫ ଧାନ ଫସଲ ଚାଷଜମିରୁ ବର୍ଷାଜଳ ନିଷ୍କାସିତ ନ ହୋଇ ପାରିବାରୁ ଏହିଭଳି ପରିସ୍ଥିତି ସୃଷ୍ଟି ହୋଇଛି ବୋଲି କହିବା ସହିତ ଗତ ଲଗାଣ ବର୍ଷାରେ ବିଞ୍ଝାରପୁର ବ୍ଲକର ୧୦ହଜାର ୪୭୦ ହେକ୍ଟର ଖରିଫ ଧାନଫସଲ ପଚିଯାଇଥିବା ଜିଲା ପ୍ରଶାସନକୁ ଅବଗତି କରାଯାଇଛି ବୋଲି ଜେନା ସୂଚନା ଦେଇଛନ୍ତି।

## ଗଣେଶ ଭସାଣି ଉତ୍ସବ

**ବାଲିଚନ୍ଦ୍ରପୁର, ୧୯।୯ (ସ୍ୱ.ପ୍ର)**

ବଡ଼ଚଣା ବ୍ଲକ ଅନ୍ତର୍ଗତ ବିକ୍ରମତିରଣ ପଞ୍ଚାୟତ ସାହୁ ସାହିରେ ବୁଧବାର ରୀତିନୀତି ଅନୁଯାୟୀ ଭସାଣି ଉତ୍ସବ ଶେଷ ହୋଇଛି। ଦୀର୍ଘ ୭ ଦିନ ବ୍ୟାପୀ ଗାଁ ଉତ୍ସବ ମୁଖର ହୋଇଥିବାବେଳେ ମଧ୍ୟାହ୍ନରେ ପ୍ରସାଦସେବନ ଓ ସନ୍ଧ୍ୟାରେ ଭସାଣି ଉତ୍ସବ ଅନୁଷ୍ଠିତ ହୋଇଥିଲା। ୧୦୦ ବର୍ଷରୁ ଉର୍ଦ୍ଧ୍ୱ ଏହି ଅନୁଷ୍ଠାନରେ ସରପଞ୍ଚ ବୀରକିଶୋର ଧଳ, ସମିତିସଭ୍ୟ ସୁବାସ ଚନ୍ଦ୍ର ନାୟକ, ପ୍ରାକ୍ତନ ସମିତିସଭ୍ୟ ଦିଲୀପ କୁମାର ସାମଲ, ଅଶୋକ ସାହୁ, ଅନିରୁଦ୍ଧ ନାୟକ, ଗଗନ ବିହାରୀ ସାମଲ ପ୍ରମୁଖ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ନନ୍ଦକିଶୋର ସାହୁ, ଗଙ୍ଗାଧର ପୃଷ୍ଟି, ବଂଶୀଧର ସାହୁ, କରୁଣାକର ସାହୁ, କୁଳମଣି ସାହୁ, ହରେକୃଷ୍ଣ ସାହୁ, ପ୍ରମୋଦ କୁମାର ସାହୁ, ପଞ୍ଚାନନ ସାହୁ ପ୍ରମୁଖ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ। କର୍ତ୍ତାଭାବେ ସୁରତ୍ କୁମାର ସାହୁ ଓ ଶିବାନନ୍ଦ ଗୋସେଇଁ ପୂଜାକାର୍ଯ୍ୟ ସମ୍ପାଦନ କରିଥିଲେ।

## ବେରୁଦା ଗଣ୍ଡଗୋଳ ଘଟଣା
# ଆହତ ଅନିରୁଦ୍ଧଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ

**ବିରଜାକ୍ଷେତ୍ର, ୧୯।୯(ଡ଼ି.ଏନ୍.ଏ)**

ଯାଜପୁର ବ୍ଲକ ବେରୁଦା ପଞ୍ଚାୟତ ବେରୁଦା ଗ୍ରାମରେ ଗତ ୧୩ତାରିଖରେ ହୋଇଥିବା ଗଣ୍ଡଗୋଳରେ ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଅନିରୁଦ୍ଧ ଭୁଟିଆଙ୍କ ମୃତ୍ୟୁ ଘଟିଛି। ଅନିରୁଦ୍ଧଙ୍କ ମୃତ୍ୟୁପରେ ଗ୍ରାମରେ ଉତ୍ତେଜନା ପ୍ରକାଶ ପାଇଛି। ପୋଲିସର ନିଷ୍କ୍ରିୟତା ଯୋଗୁଁ ଅନିରୁଦ୍ଧଙ୍କ ମୃତ୍ୟୁ ଘଟିଲା ବୋଲି ପରିବାର ଲୋକ ଅଭିଯୋଗ କରିଛନ୍ତି। ଅନିରୁଦ୍ଧଙ୍କ ଶବ ବ୍ୟବଚ୍ଛେଦ ପରେ କଟକରୁ ଅଣାଯାଇ ସଦର ଥାନା ସମ୍ମୁଖରେ ମୃତ ଦେହ ରଖି ପୋଲିସ ବିରୋଧରେ ବିକ୍ଷୋଭ କରିବେ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଏକ କମ୍ୟୁନିଟି ସେଣ୍ଟର ଜାଗା ଚିହ୍ନଟକୁ ନେଇ ଭୁଟିଆ ପରିବାର ଓ ପହି ପରିବାର ମଧ୍ୟରେ ଗତ ୧୩ ତାରିଖ ଦିନ ଗଣ୍ଡଗୋଳ ହୋଇଥିଲା। ଏହି ଗଣ୍ଡଗୋଳରେ ଉଭୟ ପକ୍ଷର ୫ଜଣ ଆହତ ହୋଇଥିଲେ। ପହି ପରିବାରର ସୁରେନ୍ଦ୍ର ପହି ଓ ଘଟଣାକୁ ସମାଧାନ କରିବାକୁ ଯାଇଥିବା ଦଶରଥ ଜେନା ଗୁରୁତର ଆହତ ହୋଇଥିଲେ। ସେହିପରି ଭୁଟିଆ ପରିବାରରୁ ଅନିରୁଦ୍ଧ ଭୁଟିଆ ଗୁରୁତର ଆହତ ହୋଇଥିଲେ। ସେମାନଙ୍କୁ ଅଧିକ ଚିକିତ୍ସା ନିମନ୍ତେ କଟକ ସ୍ଥାନାନ୍ତର କରାଯାଇଥିଲା। ଏ ନେଇ ସଦର ଥାନାରେ ଉଭୟ ପକ୍ଷରୁ ପୃଥକ ପୃଥକ ଭାବେ ଦୁଇଟି ଅଭିଯୋଗ ହୋଇଥିଲା। ଅଭିଯୋଗକୁ ଭିତ୍ତିକରି ସଦର ପୁଲିସ ଦୁଇଟି ମାମଲା ରୁଜୁ କରିବା ସହ ଚନ୍ଦ୍ରଶେଖର ଭୁଟିଆ ଓ ରତିକାନ୍ତ ଭୁଟିଆକୁ ଗିରଫ କରିଥିଲେ। ପୁଲିସ ଏହି ଘଟଣାରେ ଅଧିକ ତଦନ୍ତ ଜାରି ରଖିଥିଲେ। ବୁଧବାର ଦିନ ଚିକିତ୍ସିତ ଅବସ୍ଥାରେ ଅନିରୁଦ୍ଧ ଭୁଟିଆର ମୃତ୍ୟୁ ଘଟିବା ପରେ ଘଟଣା ଭିନ୍ନ ମୋଡ଼ ନେବାର ଆଶଙ୍କା କରାଯାଉଛି। ପୂର୍ବ ମାମଲାକୁ ହତ୍ୟା ମାମଲାରେ ପରିବର୍ତ୍ତନ କରାଯିବ ବୋଲି ଏସଡ଼ିପିଓ ପ୍ରଶାନ୍ତ କୁମାର ମଲ୍ଲ ସୂଚନା ଦେଇଛନ୍ତି।

## ଭୂତଳ ତୈଳ ଭଣ୍ଡାର ପ୍ରତିଷ୍ଠା ପ୍ରସଙ୍ଗ
# ଡଙ୍କାରୀରେ ରାଜସ୍ୱ କ୍ଷତିର ଆକଳନ

**ଯାଜପୁର ଅଫିସ/ଧର୍ମଶାଳା/ଚଢେଇଧରା (ଡି.ଏନ.ଏ.),୧୯।୯**

**ଅସମର୍ଥ ପ୍ରକାଶ କଲେ ଟାଟା ଷ୍ଟିଲ ସର୍ଭେୟର**


ଡଙ୍କାରୀ ପାହାଡ଼ରେ ମାପଚୁପ କରାଯାଉଛି।

ରାଷ୍ଟ୍ରୀୟ ସ୍ୱାର୍ଥ ଚୁଲିକୁ ଯାଉ, ଡଙ୍କାରୀରେ ମାଫିଆରାଜ ଜାରି ରହୁ ବୋଲି ନିକଟରେ ବିଧାନସଭାରେ ଜଣେ ବରିଷ୍ଠ ବିଧାୟକ ଉଦ୍‌ବେଗ ପ୍ରକାଶ କରିଥିଲେ। ଏହି ପ୍ରସଙ୍ଗ ପରେ ରାଜ୍ୟ ସରକାର ଆହୁରି ପ୍ରତିକ୍ରିୟାଶୀଳ ହୋଇଥିବା ମନେ ହୋଇଛି। ବୁଧବାର ରାଜସ୍ୱ ଓ ଖଣି ବିଭାଗର ଅଧିକାରୀମାନେ ଡଙ୍କାରୀରେ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରତିଷ୍ଠା ହେଲେ କେତେ ପରିମାଣର ଲଘୁ ଖଣିଜ ଦ୍ରବ୍ୟ କ୍ଷତି ହେବ ସେ ନେଇ ମାପଚୁପ ଆରମ୍ଭ କରିଛନ୍ତି। ଏଥିରୁ ଡଙ୍କାରୀରେ ପୁଣି ତୈଳ ସଂରକ୍ଷଣ ଭଣ୍ଡାର ପ୍ରତିଷ୍ଠା ନେଇ ସଂଶୟ ପ୍ରକାଶ ପାଇଛି । ୨୦୦୨-୦୩ ଆର୍ଥିକ ବର୍ଷରୁ ୨୦୧୫ ପର୍ଯ୍ୟନ୍ତ ଡଙ୍କାରୀରେ ପ୍ରାୟ ୫୮ କୋଟି ଟଙ୍କାର ବେଆଇନ ଭାବେ କଳାପଥର ଉତ୍ତୋଳନ କରିଥିବା ମାପଚୁପରେ ଜଣାପଡିବା ପରେ ଧର୍ମଶାଳା ତହସିଲ କୋର୍ଟରେ ବିଚାରାଧିନ ରହିଛି । ଏହି ରାଜସ୍ୱ ଆଦାୟ କରିବା ପାଇଁ ଜିଲା ପ୍ରଶାସନ କୌଣସି ପ୍ରକାର ପଦକ୍ଷେପ ଗ୍ରହଣ କରୁ ନ ଥିବାବେଳେ କେନ୍ଦ୍ର ସରକାରଙ୍କ ପ୍ରସ୍ତାବିତ ତୈଳଭଣ୍ଡାର ବିରୋଧରେ କାହିଁକି ଅଧିକ ତତ୍ପରତା ଦେଖାଉଛି ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ଡଙ୍କାରୀ ପାହାଡ ପାଦଦେଶରେ ଥିବା ୨୨୧ ଖାତା ନମ୍ବର, ୬୦୦ ପ୍ଲଟ ନମ୍ବରର ୭୭୩.୬୦ ଏକର ପର୍ବତ କିସିମ ଜମିରେ ଭୂତଳ ତୈଳ ସଂରକ୍ଷଣ ଭଣ୍ଡାର ପ୍ରସ୍ତାବ ରହିଛି। ଏହି ଅଞ୍ଚଳରେ ୧୬ଟି କଳା ପଥର ଖାଦାନ ରହିଛି। ତେଣୁ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ରାଜସ୍ୱ ଓ ଖଣି ବିଭାଗର ଏକ ପ୍ରତିନିଧି ଦଳ ଡଙ୍କାରୀରେ ମାପଚୁପ ଆରମ୍ଭ କରିଥିଲେ। ଏଥିରେ ଖଣି ବିଭାଗର ସର୍ଭେୟର ପି.କେ. ସାହାଣୀ, ଟାଟା ଷ୍ଟିଲର ସର୍ଭେରର ପଦ୍ମନ ବିଶ୍ୱାଳ, ମାନସ ରଞ୍ଜନ ବେଜ, ଧର୍ମଶାଳା ତହସିଲଦାର ଶୀତଳ ଅଗ୍ରୱାଲ, ଡଙ୍କାରୀର ଆରଆଇ ଜନାର୍ଦ୍ଦନ ସାହୁ ପ୍ରମୁଖ ସାମିଲ ଥିଲେ। ପ୍ରସ୍ତାବିତ ତୈଳ ଭଣ୍ଡାରର ଏକ ମ୍ୟାପ ଧରି ମାପଚୁପ କରୁଥିବାବେଳେ ଆବଶ୍ୟକ ସରଞ୍ଜାମ ଅଭାବରୁ ଟାଟା ଷ୍ଟିଲର ସର୍ଭେୟର ଅକ୍ଷମତା ପ୍ରକାଶ କରିଥିଲେ। ଏତେ ବଡ ଅଞ୍ଚଳର ମାପଚୁପ କରିବାକୁ ୩ ମାସ ସମୟ ଲାଗିବ ବୋଲି ସେ କହିଥିଲେ। ଫଳରେ ଖଣି ବିଭାଗ ପକ୍ଷରୁ ଅନୁରୋଧ କରାଯାଇଥିବା ଟାଟା ଷ୍ଟିଲ ସର୍ଭେୟର ଆବଶ୍ୟକ ମାପଚୁପ ନ କରି ଫେରି ଆସିଥିଲେ ବୋଲି ସୂଚନା ମିଳିଛି। ପୂର୍ବରୁ ଡଙ୍କାରୀରେ ତୈଳ ଭଣ୍ଡାର ପ୍ରତିଷ୍ଠା ହେଲେ ୧୪୧୩ କୋଟି ୮୬ ଲକ୍ଷ ୯୧ ହଜାର ୮୩୦ ଟଙ୍କା ରାଜସ୍ୱ ହରାଇବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ଆକଳନ କରାଯାଇ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଛି। ଡଙ୍କାରୀରେ ଚାଲିଥିବା ୩ଟି ଅନୁମତିପ୍ରାପ୍ତ ଓ ୧୩ଟି ଅନୁମତି ଅପେକ୍ଷାରେ ଥିବା ପଥର ଖାଦାନ ବନ୍ଦ ହେଲେ ସରକାର ଉପରୋକ୍ତ ରାଜସ୍ୱ ହରାଇବେ। ତେବେ ଏଥିରେ ଶାସକ ଦଳର କେତେକ ପ୍ରଭାବଶାଳୀ ପଥର ବ୍ୟବସାୟୀଙ୍କୁ ଜିଲା ପ୍ରଶାସନ ଅଯାଚିତ ଅନୁକମ୍ପା ଦେଖାଉଥିବା ଅଭିଯୋଗ ହୋଇଛି। ଏନେଇ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ଚଳିତ ମାସ ପ୍ରଥମ ସପ୍ତାହରେ ବିଧାୟକ ଦାମୋଦର ରାଉତ ବିଧାନସଭାରେ ପ୍ରଶ୍ନ ଉଠାଇଥିଲେ। ଏହାପରେ ସାରା ରାଜ୍ୟରେ ଏନେଇ ତୁମ୍ଭିତୋଫାନ ହୋଇଥିଲା। ଏସଂକ୍ରାନ୍ତରେ ତହସିଲଦାର ଅଗ୍ରୱାଲ କହିଛନ୍ତି ଖଣି ଓ ରାଜସ୍ୱ ବିଭାଗ ପକ୍ଷରୁ ପ୍ରସ୍ତାବିତ ତୈଳ ଭଣ୍ଡାର ଅଞ୍ଚଳର ମାପଚୁପ ଆରମ୍ଭ ହୋଇଛି। ତୈଳ ଭଣ୍ଡାର ପ୍ରତିଷ୍ଠା ହେଲେ ରାଜ୍ୟ ସରକାର କେତେ ପରିମାଣର ରାଜସ୍ୱ ହରାଇବେ ସେନେଇ ଆକଳନ କରାଯାଉଛି ବୋଲି କହିଛନ୍ତି।

### ଘରୋଇରାସ୍ତା ଅବରୋଧ ଆପୋଷ ସମାଧାନ ତହସିଲ ଓ ପୋଲିସ ପ୍ରଶାସନ ପ୍ରୟାସ ବିଫଳ

**ରସୁଲପୁର,୧୯।୯(ଡି.ଏନ୍.ଏ.)**

ରସୁଲପୁର ତହସିଲ ଅନ୍ତର୍ଗତ ପହଁଗା ସର୍କଲ ଅଧିନସ୍ଥ ତରାପୁର ଗ୍ରାମ୍ୟରାସ୍ତାକୁ ଅବରୋଧ ଉଚ୍ଛେଦ ପାଇଁ ତହସିଲ ଓ ପୋଲିସ ପ୍ରଶାସନ ପକ୍ଷରୁ ପ୍ରୟାସ ବିଫଳ ହୋଇଛି । ଗ୍ରାମ୍ୟ ପୋଖରୀକୁ ଯାତାୟତ ପାଇଁ ରାସ୍ତାକୁ ବନ୍ଦ କରିଦେବା ଫଳରେ ସର୍ବସାଧାରଣଙ୍କ ଗମନାଗମନରେ ବାଧା ସୃଷ୍ଟି ହୋଇଥିଲା। ଏ ସଂପର୍କରେ ଗ୍ରାମବାସୀଙ୍କ ପକ୍ଷରୁ ଗତ ଜୁଲାଇ ମାସରେ ରସୁଲପୁର ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲା । ଉକ୍ତ ମାମଲାର ଆପୋଷ ସମାଧାନ ପାଇଁ ଉଭୟ ତହସିଲ ଓ ପୋଲିସ ପ୍ରଶାସନ ପକ୍ଷରୁ ବୁଧବାର ପ୍ରୟାସ କରାଯାଇଥିଲା। ଗାଁରେ ଏ ନେଇ ଏକ ବୈଠକ ଆହ୍ୱାନ କରାଯାଇଥିଲା। ଉକ୍ତ ବୈଠକରେ ରାସ୍ତାର ଆପୋଷ ସମାଧାନ ହେବା ନେଇ ହୋଇଥିବା ପ୍ରୟାସ ବିଫଳ ହୋଇଛି। ଅବରୋଧକାରୀ ପ୍ରଶାସନିକ ଅଧିକାରୀଙ୍କ ପରାମର୍ଶକୁ ଗ୍ରହଣ କରିନାହାଁନ୍ତି। ଆଲୋଚନା ବିଫଳ ହେବାରୁ ପ୍ରଶାସନିକ ଅଧିକାରୀ ଓ ଗାଁର ମୁରବୀଙ୍କୁ ନିରାଶ କରିଛି। ପରବର୍ତ୍ତୀ ଅବସ୍ଥାରେ ଉକ୍ତ ମାମଲାକୁ ନେଇ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବା ପାଇଁ ବିଚାର ବିମର୍ଶ ଜାରି ରହିଛି ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।



ଧର୍ମ ଅଧର୍ମ ବିଚାର କରିପାରୁ ନ ଥିବା ବ୍ୟକ୍ତି ପଶୁ ସମାନ ଅଟେ।
- ଜଗଦ୍‌ଗୁରୁ ଶଙ୍କରାଚାର୍ଯ୍ୟ



## ସଂକ୍ଷେପରେ

### ଦୁର୍ଘଟଣାରେ ୨ଛାତ୍ରୀଙ୍କ ସମେତ ୩ ଗୁରୁତର

**କୋରେଇ/ ଯାଜପୁରରୋଡ଼,୧୯।୯ (ସ୍ୱ.ପ୍ର/ନି.ପ୍ର):** ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟର ୨ଜଣ ଛାତ୍ରୀ ଆଉ ଜଣଙ୍କ ସହିତ ସ୍କୁଟି ଯୋଗେ ଫେରୁଥିବା ବେଳେ ବୁଧବାର ଦୁର୍ଘଟଣାର ଶିକାର ହୋଇ ଗୁରୁତର ହୋଇଛନ୍ତି। ଆହତମାନେ ହେଲେ ଯୁକ୍ତ ୩ ୨ୟ ବର୍ଷର ଛାତ୍ରୀ ମହେଶ୍ୱତା ନାଥ, ଶୈଳବାଳା ସାହୁ ଓ ଦୀପକ ସାହୁ। କୋରେଇ ବ୍ଲକ ଅନ୍ତର୍ଗତ ଦୁଲାଖାପାଟଣା ଗ୍ରାମର ମହେଶ୍ୱତା ଓ ଶଶିକଳା ପରୀକ୍ଷା ଦେଇ ସମ୍ପର୍କୀୟ ଦୀପକଙ୍କ ସହିତ ଏକ ସ୍କୁଟି (ଓଡି୦୪ସି୫୬୭୪) ଯୋଗେ ଘରକୁ ଫେରୁଥିଲେ। ଏହି ସମୟରେ ୨୦ନଂ ଜାତୀୟ ରାଜପଥର ଡାଇଭର୍ସନ ଛକରେ ତାଙ୍କ ସ୍କୁଟି ସହ ଏକ ଟ୍ରକ (ଓଆର୦୯ଇ ୧୯୦୫)ର ଧକ୍କା ହୋଇଥିଲା। ଫଳରେ ସମସ୍ତେ ଗାଡ଼ିରୁ ପଡ଼ିଯାଇଥିଲେ। ସେମାନଙ୍କୁ ଯାଜପୁରରୋଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଟ୍ରକ ଡ୍ରାଇଭର ଫେରାର ହୋଇଯାଇଥିବା ବେଳେ ପୋଲିସ ଘଟଣାସ୍ଥଳରୁ ଗାଡ଼ି ୨ଟିକୁ ଜବତ କରିଛି। କ୍ଲବ ଦି ୟୁଥ ମାସ୍ ପକ୍ଷରୁ ସେମାନଙ୍କୁ ଚିକିତ୍ସା ସୁବିଧା ଯୋଗାଇ ଦିଆଯାଇଥିଲା।

### ବିସ୍ଥାପିତ ହେବା ପାଇଁ ଗୁହାରୀ

**କଳିଙ୍ଗନଗର,୧୯।୯(ଡି.ଏନ.ଏ):** କଳିଙ୍ଗନଗର ଶିଳ୍ପାଞ୍ଚଳରେ ସାରଙ୍ଗପୁର ପଞ୍ଚାୟତର ଖୁରୁନଟି ଗ୍ରାମର ଅଧିବାସୀ ବିସ୍ଥାପନ ହେବା ପାଇଁ ଜିଲାପାଳଙ୍କ ନିକଟରେ ବୁଧବାର ଗୁହାରୀ କରିଛନ୍ତି। ୧୯୯୯ ମସିହାରୁ ଶିଳ୍ପସଂସ୍ଥା ଗଢି ଉଠିଥିବାରୁ ସେମାନଙ୍କୁ ବିସ୍ଥାପିତ ହେବାକୁ ପଡିଥିଲା। ୨୦୧୮ ମସିହା ପର୍ଯ୍ୟନ୍ତ ବିସ୍ଥାପିତ ହୋଇଥିବା ଦିନମଜୁରିଆ, ଗରିବ ଶ୍ରେଣୀର ଲୋକ ଆଜିପର୍ଯ୍ୟନ୍ତ ଥଇଥାନ ହୋଇନାହାନ୍ତି। ୨୦ରୁ ୨୫ ପରିବାର ସରକାର କିମ୍ବା ଶିଳ୍ପସଂସ୍ଥାଠାରୁ ସାହାଯ୍ୟ ନ ପାଇ ଏପର୍ଯ୍ୟନ୍ତ ପଡିରହିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, ସରକାର ସେମାନଙ୍କୁ ଅଣଦେଖା କରୁଥିବାରୁ ସେମାନଙ୍କ ପିଲା ବେକାର ହେବା ସହିତ ଦାରିଦ୍ର୍ୟରେ ଦିନ କାଟୁଛନ୍ତି। ଏହା ସହିତ ମୌଳିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ଏହିପରି ଅଭିଯୋଗ ଗ୍ରାମବାସୀ ପକ୍ଷରୁ ଜିଲାପାଳଙ୍କ ନିକଟରେ କରାଯାଇଛି। ଜିଲାପାଳ ଏହି ଅଭିଯୋଗକୁ ଭିତ୍ତି କରି କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କୁ ଆସନ୍ତା ୨୦ ତାରିଖରେ ତଦନ୍ତ କରି ଏହାର ସତ୍ୟାସତ୍ୟ ଜଣାଇବାକୁ ନିର୍ଦ୍ଦେଶ ଦେଇଛନ୍ତି।

### ଯୁବକଙ୍କୁ ଆକ୍ରମଣ କରି ଜଣେ ଗିରଫ

**ଛତିଆ,୧୯।୯(ଡିଏନ୍‌ଏ):** ବୈରୀ ଥାନା ଅନ୍ତର୍ଗତ ଝାଟିଆ ଗ୍ରାମର ବିରଜା ଶଙ୍କର ସ୍ୱାଇଁ ମଙ୍ଗଳବାର ସନ୍ଧ୍ୟାରେ ବଜାରରେ ବୁଲୁଥିବା ବେଳେ ହଠାତ୍ ଚାଖୁଣ୍ଡି ଗ୍ରାମର ଚନ୍ଦା ସିଂ ତାଙ୍କୁ ପଛପଟୁ ଏକ ଧାରୁଆ ଅସ୍ତ୍ରରେ ଆକ୍ରମଣ କରିଥିଲେ। ଫଳରେ ବିରଜାଙ୍କ ହାତରେ ଆଘାତ ଲାଗିଥିଲା। ତୁରନ୍ତ ବିରଜାଙ୍କୁ ଝାଟିଆ ଗ୍ରାମବାସୀ ବଡଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ବୈରୀ ଥାନାରେ ଅଭିଯୋଗ ପରେ ପୋଲିସ ଏକ ମାମଲା (୯୯/୧୮) ରୁଜୁ କରି ଅଭିଯୁକ୍ତ ଚନ୍ଦାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲେ।

### ପୂର୍ବତନ ସମିତି ସଭ୍ୟାଙ୍କୁ ଜୋତାମାଳ ପିନ୍ଧାଇବା ଘଟଣା: ୫ କୋର୍ଟ ଚାଲାଣ

**ଛତିଆ,୧୯।୯(ଡିଏନ୍‌ଏ):** ବୈରୀ ଥାନା ପାଇକରାପୁର ଗ୍ରାମର ଜଣେ ପୂର୍ବତନ ସମିତି ସଭ୍ୟାଙ୍କୁ ଜୋତାମାଳ ପିନ୍ଧାଇବା ଘଟଣାରେ ଛତିଆ ବିଟ୍ ହାଉସ୍ ପୋଲିସ ବୁଧବାର ୫ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ ପାଇକରାପୁର ଗ୍ରାମର ଦିପୁନା ମଲ୍ଲିକ (୨୮), ପୂର୍ଣ୍ଣଚନ୍ଦ୍ର ମଲ୍ଲିକ (୩୮), କାର୍ତ୍ତିକେଶ୍ୱର ମଲ୍ଲିକ (୨୪), ଯଦୁ ମଲ୍ଲିକ(୬୦), ସୁକଦେବ ମଲ୍ଲିକ(୬୧)। ସୂଚନା ଯେ, ପାଇକରାପୁର ଗ୍ରାମର ସମ୍ପର୍କୀୟ ଭାଇଙ୍କୁ ଘରେ ଅବାଧ ପ୍ରବେଶ ଘଟଣାକୁ କେନ୍ଦ୍ର କରି ରବିବାର ପୂର୍ବତନ ସମିତି ସଭ୍ୟାଙ୍କୁ ସାହି ଲୋକେ ଜୋତାମାଳ ପିନ୍ଧାଇ ଗାଁରେ ବୁଲାଇ ଥିଲେ। ଏହି ଘଟଣାକୁ କେନ୍ଦ୍ର କରି ସେ ଛତିଆ ବିଟ୍ ହାଉସ୍‌ରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତି କରି ଛତିଆ ପୋଲିସ୍ ଉକ୍ତ ଘଟଣାରେ ବୈରୀ ଥାନାରେ ଏକ ମାମଲା (ନଂ ୯୮/୧୮) ରୁଜୁ କରି ଉକ୍ତ ୫ଜଣଙ୍କୁ ଗିରଫ ବୁଧବାର କୋର୍ଟ ଚାଲାଣ କରିଛି। କୋର୍ଟ ସେମାନଙ୍କ ଜାମିନ୍ ନାମଞ୍ଜୁର କରିଦେବାରୁ ସେମାନଙ୍କୁ ରଗଡି ଜେଲ୍‌କୁ ପଠାଇ ଦିଆଯାଇଛି।

# ଧୂଳିଧୂଆଁରେ ଅତିଷ୍ଠ ସହରବାସୀ

**ଯାଜପୁରରୋଡ଼,୧୯।୯(ନି.ପ୍ର)**



ଯାଜପୁର ରୋଡ଼ ସହର
- ବୃଦ୍ଧି ପାଉଛି ଚର୍ମ ରୋଗ
- ଟ୍ରକ ଯାତାୟାତ ଯୋଗୁ ଭାଙ୍ଗୁଛି ରାସ୍ତା
- ହେଉନି ମରାମତି, ଅସନ୍ତୁଷ୍ଟ ସହରବାସୀ

ଯାଜପୁରରୋଡ଼ ସହରବାସୀ ଧୂଳିଧୂଆଁରେ ଅତିଷ୍ଠ ହୋଇପଡ଼ିଛନ୍ତି। ଅଧିକାଂଶ ଲୋକ ଚର୍ମ ଓ କାମଳ ଭଳି ରୋଗରେ ପୀଡ଼ିତ ହେଉଥିବା ଦେଖାଯାଉଛି। ଏଥିପ୍ରତି ପ୍ରଶାସନର ନିଘା ନାହିଁ। ଯାଜପୁରରୋଡ଼ ସହର କଳିଙ୍ଗନଗର ଶିଳ୍ପାଞ୍ଚଳର ମୁଖଶାଳା ହୋଇଥିବାରୁ ଏହି ସହର ଉପରେ କଳିଙ୍ଗନଗର ଶିଳ୍ପାଞ୍ଚଳ ସମ୍ପୂର୍ଣ୍ଣ ନିର୍ଭରଶୀଳ। ଯାଜପୁରରୋଡ଼ ସହର ଦେଇ ଶିଳ୍ପାଞ୍ଚଳର ଶହଶହ ଟ୍ରକ ଯାତାୟାତ ହେଉଛି। ଫଳରେ ରାସ୍ତାବସ୍ଥା ଶୋଚନୀୟ ହେଉଥିବା ବେଳେ ଧୂଳି ଉଡ଼ି ସମ୍ପୂର୍ଣ୍ଣ ଅଞ୍ଚଳ ପ୍ରଦୂଷିତ ହେଉଛି। ଧବଳଗିରିଠାରୁ ଚୋରଦା ଛକ ପର୍ଯ୍ୟନ୍ତ ଏହା ବିଶେଷ ପ୍ରଭାବିତ ହେଉଛି। ରାସ୍ତା ପାର୍ଶ୍ୱରେ କୋର୍ଟ କଚେରୀ, ଶ୍ରମ ଉପକାର୍ଯ୍ୟାଳୟ, ଯୁଗ୍ମ ବାଣିଜ୍ୟକର ବିଭାଗ, ଖଣି ଉପନିର୍ଦ୍ଦେଶକଙ୍କ କାର୍ଯ୍ୟାଳୟ, ବ୍ୟାସନଗର ସ୍ୱୟଂଶାସିତ ମହାବିଦ୍ୟାଳୟ, ସବରେଜିଷ୍ଟର ଅଫିସ, ବିଏସଏନଏଲ ଅଫିସ, ୱେୟାର ହାଉସ, ଚୋରଦା ହାଇସ୍କୁଲ, ବିଭିନ୍ନ ବ୍ୟାଙ୍କ ଓ ବ୍ୟବସାୟ ପ୍ରତିଷ୍ଠାନ ରହିଛି। ଯାନବାହାନ ଯାତାୟାତ ଯୋଗୁ ଧୂଳି ଉଡୁଥିବାରୁ ଲୋକେ ଅଣନିଶ୍ୱାସୀ ହେଉଛନ୍ତି। ଏହା ସହିତ କୋର୍ଟ କଚେରୀକୁ ଆସୁଥିବା ଲୋକେ ନାହିଁ ନ ଥିବା ହଇରାଣ ହେଉଛନ୍ତି। ଯାନବାହନଗୁଡ଼ିକ ଅତ୍ୟଧିକ ବେଗରେ ଏହି ବାଟ ଦେଇ ଯିବା ଯୋଗୁ ଲୋକେ ନିଜକୁ ସୁରକ୍ଷିତ ମଣୁନାହାନ୍ତି। ଚୋରଦା ବାଇପାସ୍‌ଠାରୁ ବେଣାପୁର ବାଇପାସ୍ ରାସ୍ତା ୬ମାସ ତଳେ ନିର୍ମାଣ ହୋଇଥିଲା। କିନ୍ତୁ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଜିଲା ପ୍ରଶାସନ, ରାଜନେତା ଦେଖି ମଧ୍ୟ ନିରବଦ୍ରଷ୍ଟା ସାଜିଛନ୍ତି। ଯାଜପୁରରୋଡ଼ ଟ୍ରାଫିକ୍ କମେଇବା ପାଇଁ ମିଲିଟାରୀ ଛକ ପାଖରେ ବିଜୁପଟ୍ଟନାୟକ ମାର୍ଗଠାରୁ ୨୦ନଂ ଜାତୀୟ ରାଜପଥକୁ ସଂଯୋଗ କରିବା ପାଇଁ ୧୨ବର୍ଷ ତଳେ ରାସ୍ତାର ଶିଳାନ୍ୟାସ କରାଯାଇଥିଲା। ସେହି ରାସ୍ତା କାର୍ଯ୍ୟ ୧୨ବର୍ଷ ହେଲା ନିର୍ମାଣ ଚାଲିଥିଲେ ହେଁ ସମ୍ପୂର୍ଣ୍ଣ ହେବାର ନାଁ ନେଉନାହିଁ। ଏହି ରାସ୍ତା ନିର୍ମାଣ ପାଇଁ ପୂର୍ବରୁ ଯାଜପୁରରୋଡ଼ ବାଣିଜ୍ୟ ସଂଘ ଓ ବୁଦ୍ଧିଜୀବୀଙ୍କ ପକ୍ଷରୁ ରାସ୍ତାରୋକୋ କରାଯାଇଥିଲା। ପୂର୍ତ୍ତ ବିଭାଗ କର୍ତ୍ତୃପକ୍ଷ ଘଟଣାସ୍ଥଳରେ ପହଞ୍ଚି ୬ମାସ ଭିତରେ ରାସ୍ତା କାର୍ଯ୍ୟ ସମ୍ପୂର୍ଣ୍ଣ ହେବ ବୋଲି ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆଜିଯାଏ ସମ୍ପୂର୍ଣ୍ଣ ହୋଇପାରି ନାହିଁ। ଯାଜପୁରରୋଡ଼ ସହରର ଲୋକେ ଧୂଳିଧୂଆଁରେ ଅଣନିଶ୍ୱାସୀ ହେଉଛନ୍ତି। ଏହି କାରଣରୁ ଅଧିକାଂଶ ଚର୍ମରୋଗର ଶିକାର ହୋଇଥିବା ଦେଖିବାକୁ ମିଳିଛି। ଏହା ବ୍ୟତୀତ ପାନୀୟ ଜଳ ଦୂଷିତ ଯୋଗୁ କାମଳ ରୋଗରେ ମଧ୍ୟ ପୀଡ଼ିତ ହେଉଥିବା ବେଳେ ଅଣ୍ଡାରୋଗରେ ମଧ୍ୟ ଆକ୍ରାନ୍ତ ହେଉଛନ୍ତି। କଳଙ୍ଗନଗର ଶିଳ୍ପାଞ୍ଚଳର ଧୂଆଁ ସହରକୁ ପ୍ରବେଶ କରୁଥିବାରୁ ଘରଦ୍ୱାର ପାଉଁଶମୟ ହୋଇଯାଇଛି। ଗଛ କଟା ବଢ଼ି ଚାଲିଥିବା ବେଳେ ରାଜନେତାମାନେ ନିଜେ ଏଥିରେ ଶିକାର ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନେଉ ନାହାନ୍ତି। ଏହି ସହରରେ ଶିଳ୍ପାଞ୍ଚଳର ପାରିପାର୍ଶ୍ୱିକ ପାଣ୍ଠି ଟଙ୍କାଟିଏ ବି ଖର୍ଚ୍ଚ କରାଯାଉ ନାହିଁ। ଜିଲା ପ୍ରଶାସନ ଜାଣିଶୁଣି ଏହି ସହରକୁ ଅବହେଳିତ କରି ରଖୁଛନ୍ତି ବୋଲି ବହୁ ବୁଦ୍ଧିଜୀବୀ କହିଛନ୍ତି। ମଙ୍ଗଳବାର ବ୍ୟାସନଗର ପୌରାଧକ୍ଷାଙ୍କୁ ସହରର କେତେଜଣ ବୁଦ୍ଧିଜୀବୀ ଏ ସମ୍ପର୍କରେ ପୌରାଧକ୍ଷାଙ୍କୁ ଅବଗତ କରିଥିଲେ। ଆଗକୁ ଦୁର୍ଗା ପୂଜା ଆସୁଥିବାରୁ ରାସ୍ତା ମରାମତି କରିବା ପାଇଁ ପୂର୍ତ୍ତ ବିଭାଗର କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଚିଠି ଲେଖାଯାଇଛି, ରାସ୍ତା ମରାମତି ନ କରାଗଲେ ପୌରବାସୀ ରାଜରାସ୍ତାକୁ ଓହ୍ଲାଇବେ ବୋଲି ପୌରାଧକ୍ଷା ସବିତା ରାଉତ କହିଛନ୍ତି।

## ଭିସାଷ୍ଟିଲରେ ପ୍ରଦୂଷଣ ବିଭାଗ ଚଢାଉ



ପ୍ରଦୂଷଣ ବିଭାଗ ଅଧିକାରୀମାନେ କାରଖାନା ବର୍ଜ୍ୟଜଳ ପରିଚାଳନା ତଦାରଖ କରୁଛନ୍ତି।

**କଳିଙ୍ଗନଗର,୧୯।୯(ଡି.ଏନ.ଏ)**

କଳିଙ୍ଗନଗରସ୍ଥିତ ଭିସାଷ୍ଟିଲ ଉପରେ ବୁଧବାର ପ୍ରଦୂଷଣ ବିଭାଗର ଏକ ସ୍ୱତନ୍ତ୍ର ଟିମ୍ ଚଢାଉ କରିଛି। ଏହି ଚଢାଉ ୨ଦିନ ଧରି ଚାଲିବ ବୋଲି ପ୍ରଦୂଷଣ ଅଧିକାରୀ ହାଡିବନ୍ଧୁ ପାଣିଗ୍ରାହୀ କହିଛନ୍ତି। ଭିସା ଷ୍ଟିଲ ପରିବେଶ ନିୟମ ଉଲ୍ଲଂଘନ ଓ ପ୍ରଦୂଷଣ କରୁଥିବା ନେଇ ଏକ ୪ଜଣିଆ ଟିମ୍ ବୁଧବାର ଏହି ଚଢାଉ କରିଛନ୍ତି। କାରାଖାନା ଭିତରେ ଓ ବାହାରେ ବର୍ଜ୍ୟଜଳ ନିଷ୍କାସନ ହେଉଥିବା ସ୍ଥାନ ସବୁ ନୀରିକ୍ଷଣ କରିଛନ୍ତି। ଭିସାଷ୍ଟିଲ ତାର ବର୍ଜ୍ୟଜଳକୁ କରାଖାନାର ବାହାର ଅଞ୍ଚଳକୁ ଛାଡୁଥିବା ଅଭିଯୋଗ ହୋଇଥିଲା। ଏହି ଅଭିଯୋଗକୁ ଭିତ୍ତିକରି ପ୍ରଦୂଷଣ ବିଭାଗ ଭିସାଷ୍ଟିଲକୁ ୪।୮।୧୮/୯୩୨୪ ପତ୍ର ସଂଖ୍ୟାରେ କରଣ ଦର୍ଶାଅ ନୋଟିସ୍ ଜାରି କରିଥିଲା। କାରାଖାନା କର୍ତ୍ତୃପକ୍ଷ ମଧ୍ୟ ଏହି ନୋଟିସ ଉପରେ ନିଜର ପକ୍ଷ ରଖିଥିଲେ। କରାଖାନା କର୍ତ୍ତୃପକ୍ଷ କେତେଦୂର ସଚେତନ ହୋଇ କାରଣ ଦର୍ଶାଅ ନୋଟିସ ଉପରେ କାର୍ଯ୍ୟ କରିଛନ୍ତି ତାହାର ତଦନ୍ତ ଚାଲିଛି ବୋଲି ପ୍ରଦୂଷଣ ବିଭାଗ ଅଧିକାରୀ କହିବା ସହିତ ବାହାରକୁ ଆସୁଥିବା ବର୍ଜ୍ୟପାଣିର ନମୂନା ନେଇ ଭୁବନେଶ୍ୱରସ୍ଥିତ ପରୀକ୍ଷାଗାରରେ ଏହାର ଜାଞ୍ଚ କରାଯିବ ବୋଲି କହିଛନ୍ତି। ଏହି ଚଢାଉ ମଧ୍ୟାହ୍ନ ୧୨ଟାରୁ ସନ୍ଧ୍ୟା ୭ଟା ପର୍ଯ୍ୟନ୍ତ ଚାଲୁ ରହିଥିଲା। ଚଢାଉରେ ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ଯନ୍ତ୍ରୀ ଶ୍ରୀମାଞ୍ଜିଳ ଦାସ, ସନ୍ତୋଷ ପଣ୍ଡା, କଳିଙ୍ଗନଗର କାର୍ଯ୍ୟାଳୟର ମୁଖ୍ୟ ହାଡିବନ୍ଧୁ ପାଣିଗ୍ରାହୀ ଓ ପୂର୍ବତନ ପ୍ରଦୂଷଣ ଅଧିକାରୀ ଅନୁପ ମଲ୍ଲିକ ଏହି ଚଢାଉରେ ସାମିଲ ହୋଇଥିଲେ।

## ବିନା ସୂଚନା ଫଳକରେ ନିମ୍ନମାନର କାର୍ଯ୍ୟକୁ ବିରୋଧ
# ରାସ୍ତାରେ ବସିଲେ ଗ୍ରାମବାସୀ



ଗ୍ରାମବାସୀ ଧାରଣାରେ ବସିଛନ୍ତି।

**କୋରେଇ,୧୯।୯(ସ୍ୱ.ପ୍ର)**

ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ କୋରେଇ ବ୍ଲକକୁ ରାସ୍ତା ନିର୍ମାଣ ପାଇଁ ୨୦୧୭-୧୮ ଆର୍ଥିକ ବର୍ଷରେ ୧କୋଟି ୩ଲକ୍ଷ ଟଙ୍କା ଅନୁଦାନ ଆସିଥିଲା। ପଞ୍ଚାୟତିରାଜ ନିୟମ ଅନୁଯାୟୀ କାର୍ଯ୍ୟଗୁଡ଼ିକ କରିବା ନିମନ୍ତେ ପଲ୍ଲିସଭା ମାଧ୍ୟମରେ ହିତାଧିକାରୀ ଚୟନ କରି କାର୍ଯ୍ୟ କରିବା କଥା। କିନ୍ତୁ ଏହା କରା ନ ଯାଇ ବ୍ଲକ ପ୍ରଶାସନ ରାଜନୈତିକ ଚାପରେ ସରକାରୀ ଦଳର ଲୋକଙ୍କୁ କାମ ଦେଇ ନିମ୍ନମାନର କାର୍ଯ୍ୟ ଆରମ୍ଭ କରିବାକୁ ଚେଷ୍ଟା କରୁଥିବା ବେଳେ ଗ୍ରାମର ମହିଳା ଓ ପୁରୁଷ ମଙ୍ଗଳବାର କାର୍ଯ୍ୟସ୍ଥଳରେ ଅନଶନରେ ବସିଥିଲେ। କୋରେଇ ବ୍ଲକ ଅମୃତିୟା ପଞ୍ଚାୟତର ବଢ଼େଇ ଜଳନ୍ଧା ଗ୍ରାମରେ ତାରିଣୀ ପୀଠରୁ ବାବାଜୀ ସାହୁଙ୍କ ଘର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତା ନିର୍ମାଣ ପାଇଁ ଗୋପବନ୍ଧୁ ଗ୍ରାମୀଣ ଯୋଜନାରେ ୧,୮୦,୦୦୦ ଟଙ୍କା ମଞ୍ଜୁର ହୋଇଥିଲା। ଉକ୍ତ କାର୍ଯ୍ୟର କାର୍ଯ୍ୟାଦେଶ ବିଭାଗୀୟ ଥିବାରୁ ଯନ୍ତ୍ରୀ ନିଜେ କାର୍ଯ୍ୟ କରିବା କଥା। କିନ୍ତୁ ତାହା ନ କରି ବିଧାୟକଙ୍କ ସୁପାରିସରେ କାର୍ଯ୍ୟ ନିମନ୍ତେ ହିତାଧିକାରୀ ଚୟନ କରି କାର୍ଯ୍ୟ କରିବାକୁ ଚେଷ୍ଟା କରିବାରୁ ବ୍ଲକ ଅଧକ୍ଷା ବି ହିତାଧିକାରୀଙ୍କ ନାମ ବ୍ଲକ ପ୍ରଶାସନ ନିକଟରେ ସୁପାରିସ କରିଥିଲେ। ଫଳରେ ବିଧାୟକ ଗୋଷ୍ଠୀ ଓ ଅଧକ୍ଷା ଗୋଷ୍ଠୀ ଉଭୟ କାର୍ଯ୍ୟ ନିମନ୍ତେ ବାଲି, ଚିପ୍‌ସ ଓ ମେଟାଲ ପକାଇଥିଲେ। ଏହାପରେ ବିନା ସୂଚନା ଫଳକରେ ମଙ୍ଗଳବାର ଯନ୍ତ୍ରୀ ନଳିନୀକାନ୍ତ ଚନ୍ଦ୍ରଙ୍କ ଅନୁପସ୍ଥିତିରେ କାର୍ଯ୍ୟ ଆରମ୍ଭ କରାଯାଇଥିଲା। କାର୍ଯ୍ୟସ୍ଥଳରେ କାର୍ଯ୍ୟ କରୁଥିବା ମିସ୍ତ୍ରୀଙ୍କୁ ପଚାରିବାରୁ ଜେଇ ନାହାନ୍ତି, ସେ ଫୋନ କରି କାମ କରିବାକୁ କହିଛନ୍ତି ବୋଲି କହିଥିଲେ। ଯନ୍ତ୍ରୀ ନଳିନୀକାନ୍ତ ଚନ୍ଦ୍ରଙ୍କୁ ଏ ସମ୍ପର୍କରେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ମଧ୍ୟ ସେ ଫୋନ ଉଠାଇ ନ ଥିଲେ।

## ପଞ୍ଚାୟତ ନିର୍ବାହୀ ଅଧିକାରୀ ଲାଞ୍ଚ ମାଗୁଥିବା ଅଭିଯୋଗ

**କୋରେଇ, ୧୯।୯ (ସ୍ୱ.ପ୍ର):** ଆବାସ ଯୋଜନାରେ ୨ୟ କିସ୍ତିର ଅର୍ଥ ପାଇବା ପାଇଁ ଜଣେ ହିତାଧିକାରୀଙ୍କୁ କୋରେଇ ବ୍ଲକ ତଣ୍ଡରା ପଞ୍ଚାୟତ ନିର୍ବାହୀ ଅଧିକାରୀ ଲାଞ୍ଚ ମାଗୁଥିବା ବିଡିଓଙ୍କ ନିକଟରେ ବୁଧବାର ଅଭିଯୋଗ ହୋଇଛି। ନିରଞ୍ଜନ ସ୍ୱାଇଁ ଆବାସ ଯୋଜନାରେ ଘର ପାଇଛନ୍ତି। ଘରର ପ୍ଲିନ୍ଥ ଲେବଲ ସମ୍ପୂର୍ଣ୍ଣ କରିବା ପରେ ତାହାର ଫଟୋ ବ୍ଲକ ପ୍ରଶାସନ ଦ୍ୱାରା ଉଠାଯାଇଥିଲା। କିନ୍ତୁ ୨ୟ କିସ୍ତି ଅର୍ଥ ମିଳିବା ନେଇ ସେ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ପଚାରିବାରୁ ୧୦ହଜାର ଟଙ୍କା ଦେଲେ କିସ୍ତି ଟଙ୍କା ଦିଆଯିବ ବୋଲି କହିଥିଲେ। ନିର୍ବାହୀ ଅଧିକାରୀଙ୍କ କଥାରେ ବିଶ୍ୱାସ ନ ହେବାରୁ ହିତାଧିକାରୀ ମୁଖ୍ୟ କିରାଣୀଙ୍କୁ ପଚାରିବାରୁ, ବ୍ୟାଙ୍କ ଖାତା ନମ୍ବର ଭୁଲ ଅଛି। ତେଣୁ ବ୍ୟାଙ୍କ ଖାତାର ଏକ ନକଲ ଦେବାକୁ ସେ ହିତାଧିକାରୀଙ୍କୁ କହିଥିଲେ। ଏହାପରେ ନିରଞ୍ଜନ ବ୍ୟାଙ୍କ ଖାତା ନକଲ ଦେବା ପରେ ବି ତାଙ୍କୁ ୨ୟ କିସ୍ତି ନ ମିଳିବାରୁ ସେ ବୁଧବାର ବିଡିଓଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପଞ୍ଚାୟତ ନିର୍ବାହୀ ଅଧିକାରୀ ଫୋନ ନ ଉଠାଇବାରୁ ତାଙ୍କ ମତାମତ ମିଳିପାରି ନାହିଁ।

# ଶିକ୍ଷକ ନିଯୁକ୍ତି ଦାବିରେ ଧାରଣା



ଛାତ୍ରୀଛାତ୍ରମାନେ ଧାରଣାରେ ବସିଛନ୍ତି।

**ରତ୍ନଗିରି/ବରୀ, ୧୯।୯ (ଡି.ଏନ୍.ଏ/ସ୍ୱ.ପ୍ର)**

ବାଲିଆ ପଞ୍ଚାୟତସ୍ଥିତ ସାମନ୍ତସିଂହାର ଉଚ୍ଚ ପ୍ରାଥମିକ ନୋଡାଲ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ଛାତ୍ରୀଛାତ୍ରଙ୍କ ପାଇଁ ଆବଶ୍ୟକ ଶିକ୍ଷକ ନ ଥିବା ସମ୍ପର୍କରେ ଅଭିଭାବକ ଓ ଶିକ୍ଷା କମିଟି ତରଫରୁ ବାରମ୍ବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଓ ଜିଲା ଶିକ୍ଷା ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରାଯାଇଥିଲା। ମାତ୍ର କୌଣସି ସୁଫଳ ନ ମିଳିବାରୁ ବୁଧବାର ସକାଳେ ବିଦ୍ୟାଳୟର ଛାତ୍ରୀଛାତ୍ର, ଅଭିଭାବକ ଓ ଶିକ୍ଷା କମିଟିର ସଦସ୍ୟମାନେ ବିଦ୍ୟାଳୟ ଫାଟକ ଆଗରେ ଧାରଣାରେ ବସିଥିଲେ । ବରୀ ଶିକ୍ଷା ମଣ୍ଡଳ ଅଧିକାରୀ ଅନୁପସ୍ଥିତ ଥିବାରୁ ଜିଲା ଶିକ୍ଷା ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଅତିରିକ୍ତ ଶିକ୍ଷା ଅଧିକାରୀ ବାଙ୍କବିହାରି ପଣ୍ଡା ଘଟଣାସ୍ଥଳରେ ପହଞ୍ଚି ଧାରଣା ଗତ ଅଭିଭାବକ, ଶିକ୍ଷା କମିଟି ସଦସ୍ୟଙ୍କ ସହ ଆଲୋଚନା କରିଥିଲେ । ମାତ୍ର ଧାରଣାଗତ ଅଭିଭାବକ ଓ ଶିକ୍ଷା କମିଟି ସଦସ୍ୟ ମାନେ ଶିକ୍ଷକ ପଦବୀ ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଅବ୍ୟାହତ ରହିବ ବୋଲି ଯିଦ୍ ଧରିବାରୁ ଜିଲାର ଶିକ୍ଷା ଅଧିକାରୀ ଏହି ବିଦ୍ୟାଳୟ ନିମନ୍ତେ ଆବଶ୍ୟକ ଥିବା ଦୁଇ ଶିକ୍ଷକଙ୍କୁ ନିଯୁକ୍ତି କରାଗଲା ବୋଲି ପତ୍ର ମାଧ୍ୟମରେ ଅବଗତ କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଛି । ଏହି ଧାରଣାରେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ବଜ୍ର ମୋହନ ସାମଲ, ମଦନ ମୋହନ ରାୟ, ଦୁଃଖିରାମ ଜେନା, ରବିନ୍ଦ୍ର ମିଶ୍ର, କୌଳାସ ଦାସ, ରବିନ୍ଦ୍ର ମହଲ, ବଳରାମ ବଳ, ନରେନ୍ଦ୍ର ସାହୁ, ବାନାମ୍ବାର ଜେନା ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

## ସ୍ୱଚ୍ଛ ଭାରତ ସଚେତନତା ଶିବିର

**ଯାଜପୁରରୋଡ଼, ୧୯।୯ (ନି.ପ୍ର):** ବ୍ୟାସନଗର ପୌରପରିଷଦ ସଭାଗୃହରେ ସ୍ୱଚ୍ଛ ଭାରତ ସଚେତନତା ଶିବିର ପୌରପରିଷଦ ପକ୍ଷରୁ ଅନୁଷ୍ଠିତ ହୋଇଥିଲା। ଏଥିରେ ପୌରାଧକ୍ଷା ସବିତା ରାଉତ ସଭାପତିତ୍ୱ କରିଥିଲେ। ଏହି ଶିବିରରେ ପୌରପରିଷଦର ପରିମଳକୁ ପରିଷ୍କାର ପରିଚ୍ଛନ୍ନ ରଖିବା ସହ ପାଇଖାନା ବ୍ୟବହାର ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉପନଗରପାଳ ସୁବାସ ଚନ୍ଦ୍ର ବଳ, ନିର୍ବାହୀ ଅଧିକାରୀ ମୋହନ ଚରଣ ଜେନା ସମେତ ଶତାଧିକ ସ୍ୱୟଂସହାୟକ ଗୋଷ୍ଠୀ ସଦସ୍ୟ ଯୋଗ ଦେଇଥିଲେ।

## ବିଦ୍ୟୁତ୍ କାର୍ଯ୍ୟାଳୟ ଘେରିଲା କଂଗ୍ରେସ

**ବରୀ/ ରତ୍ନଗିରି, ୧୯।୯(ସ୍ୱ.ପ୍ର./ ଡି.ଏନ୍.ଏ)**

ବରୀ ଅଞ୍ଚଳରେ ବାରମ୍ବାର ଅଘୋଷିତ ବିଦ୍ୟୁତ୍ କାଟ ହେବା ଯୋଗୁ ଉପଭୋକ୍ତାମାନେ ଅନେକ ଥର ଅଭିଯୋଗ କଲେ ବି କୌଣସି ସୁଫଳ ମିଳୁ ନାହିଁ। ଫଳରେ ବରୀ କଂଗ୍ରେସ ତରଫରୁ ଯୁବନେତା ଉମେଶ ଜେନାଙ୍କ ନେତୃତ୍ୱରେ ଶତାଧିକ କର୍ମୀ ବୁଧବାର ବରୀ ବିଦ୍ୟୁତ୍ ବିଭାଗ ଉପଖଣ୍ଡ କାର୍ଯ୍ୟାଳୟ ଘେରାଉ କରିଥିଲେ। ଏହି ଅବସରରେ ଅଘୋଷିତ ବିଦ୍ୟୁତ୍‌କାଟ, ସମସ୍ତ ବିପିଏଲ୍ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଣ, ବରୀ ବ୍ଲକର ସମସ୍ତ ସଂଯୋଗୀକରଣ ତାର ଓ ଖୁଣ୍ଟଗୁଡ଼ିକର ନବୀକରଣ କରାଯିବା ନେଇ ଏକ ଦାବିପତ୍ର ଉପଖଣ୍ଡ ଅଧିକାରୀଙ୍କୁ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶୈଳେନ୍ଦ୍ର ବେଉରିଆ, ପୂର୍ବତନ ଯୁବ କଂଗ୍ରେସ ସଭାପତି ଅମରେଶ ପରିଡ଼ା, ଦେବେନ୍ଦ୍ର ପ୍ରଧାନ, କଳାମାଟିଆର ପୂର୍ବତନ ସରପଞ୍ଚ ପ୍ରଭାତ ରାୟ, ରମେଶ ବେହେରା, ୨୪ନଂ ଜିଲା ପରିଷଦର କଂଗ୍ରେସ ନେତା କାଜଲ ବେଉରିଆ, ମାନସ ଯେନା, ବଳରାମ ବେହେରା, ଅଶୋକ ବେହେରା ପ୍ରମୁଖ ଯୋଗ ଦେଇଥିଲେ । ଆଗାମୀ ଦିନରେ କୌଣସି ପଦକ୍ଷେପ ନିଆ ନ ଯାଏ ତେବେ ବରୀ କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ବୋଲି ଜେନା ପ୍ରକାଶ କରିଛନ୍ତି। ବରୀ ବିଦ୍ୟୁତ ବିଭାଗ ଉପଖଣ୍ଡ ଅଧିକାରୀ ଦେବେନ୍ଦ୍ର ପଣ୍ଡା ଖୁବ୍ ଶୀଘ୍ର ସମସ୍ୟାର ସମାଧାନ ପାଇଁ ଉଦ୍ୟମ କରାଯିବ ବୋଲି କହିଛନ୍ତି।

# ବିପଦସଙ୍କୁଳ ଅବସ୍ଥାରେ ବିଦ୍ୟାଳୟ

**ଧର୍ମଶାଳା, ୧୯।୯(ଡି.ଏନ୍.ଏ.)**

ଜାରକା ପ୍ରାଥମିକ ବିଦ୍ୟାଳୟ
- ୧୯୮୪ରେ ହୋଇଥିଲା ନିର୍ମାଣ
- ସ୍କୁଲ ପରିସରରେ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ

ଧର୍ମଶାଳା ପଞ୍ଚାୟତ ସମିତି କାର୍ଯ୍ୟାଳ ପାଖରେ ଥିବା ଜାରକା ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଶ୍ରେଣୀଗୃହ ବିପଦସଙ୍କୁଳ ଅବସ୍ଥାରେ ରହିଛି। ବିଦ୍ୟାଳୟର ଗୋଟିଏ ପାର୍ଶ୍ୱର ଖୁଣ୍ଟ ଭାଙ୍ଗିପଡ଼ିବା ଯୋଗୁ ଉପର ମହଲାର ଗୋଟିଏ କୋଣରେ ଛାତ ଓହଳି ରହିଛି। ଏଭଳି ସ୍ଥିତିରେ ବିଦ୍ୟାଳୟର ଛାତ ଭାଙ୍ଗିପଡିବାର ଆଶଙ୍କା ଦେଖାଦେଇଛି। ବିଦ୍ୟାଳୟର ଏହି ଖୁଣ୍ଟଭାଙ୍ଗିବାବେଳେ ସୌଭାଗ୍ୟ ବସତ କୌଣସି ଛାତ୍ରୀଛାତ୍ର ଉପସ୍ଥିତ ନ ଥିବା ଶିକ୍ଷକ କହିଛନ୍ତି। ଏହାର ପୁନ ନିର୍ମାଣ ପାଇଁ ଧର୍ମଶାଳା ବିଡିଓଙ୍କ ନିକଟରେ ସ୍କୁଲ ପକ୍ଷରୁ ଜଣାଯାଇଥିଲେ ମଧ୍ୟ ଏ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନ ଥିବା ବିଦ୍ୟାଳୟ କର୍ତ୍ତୃପକ୍ଷ କହିଛନ୍ତି। ଏହି ବିଦ୍ୟାଳୟଟି ହେଡ଼କ୍ୱାଟର ସ୍କୁଲ ଭାବେ ପରିଣତ ହୋଇଥିଲେ ମଧ୍ୟ ବିଦ୍ୟାଳୟ ପ୍ରତି ବିଭାଗର ଉଚ୍ଚ କର୍ତ୍ତୃପକ୍ଷ କିମ୍ବା ବ୍ଲକ ପ୍ରଶାସନ ଦୃଷ୍ଟି ନ ପଡିବା ନେଇ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ମହଲରେ ଅସନ୍ତୋଷ ବୃଦ୍ଧି ପାଇବାରେ ଲାଗିଛି।

୧୯୮୪ ମସିହାଠାରୁ ଜାରକା ପ୍ରାଥମିକ ବିଦ୍ୟାଳୟ ସ୍ଥାପିତ ହୋଇଛି। ଜାରକାରେ ଥିବା ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଅଧିକାରୀ ଓ ବ୍ୟବସାୟ ବାଣିଜ୍ୟ ତଥା ବସତିସ୍ଥାପନ କରି ରହିଥିବା ଜାରକା, କୁମାରୀ, ଜାମୁବଣିଆ, ପଣ୍ଡୁଆ, ନୂଆଗାଁ ବାସିନ୍ଦାଙ୍କ ପିଲାମାନେ ବିଦ୍ୟାଳୟ ଉପରେ ନିର୍ଭର କରିଥାନ୍ତି। ବିଦ୍ୟାଳୟରେ



ଭାଙ୍ଗିପଡ଼ିଥିବା ଖୁଣ୍ଟ।

ଷଷ୍ଠ ଶ୍ରେଣୀରେ ୪୧ ଜଣ ଛାତ୍ରୀଛାତ୍ର, ସପ୍ତମ ଶ୍ରେଣୀରେ ୩୪ ଓ ଅଷ୍ଟମ ଶ୍ରେଣୀରେ ୫୫ଜଣ ଛାତ୍ରୀଛାତ୍ର ରହିଛନ୍ତି। ବିଦ୍ୟାଳୟ ମଧ୍ୟରେ ଥିବା ନଳକୂପ ମଧ୍ୟରୁ ପାଣି ବାହାରୁନାହିଁ। ପାନୀୟ ଜଳର ଅନ୍ୟ କୌଣସି ବ୍ୟବସ୍ଥା ନ ଥିବାରୁ ପାଇଖାନାଗୁଡ଼ିକ ଅପରିଷ୍କାର ହୋଇପଡିଛି। ମଧ୍ୟାହ୍ନଭୋଜନ ପରେ ହାତଧୋଇବାକୁ ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସର ବାହାରେ ଥିବା ଏକ ନଳକୂପକୁ ଜନଗହଳିପୂର୍ଣ୍ଣ ରାସ୍ତା ଦେଇ ଯିବାକୁ ବାଧ ହେଉଛନ୍ତି। ସେହିପରି ମଧ୍ୟାହ୍ନଭୋଜନ ପ୍ରସ୍ତୁତିରେ ଆବଶ୍ୟକ ପାଣି ପାଇଁ ବିଭିନ୍ନ ସମସ୍ୟା ସୃଷ୍ଟି ହେଉଥିବା ବିଦ୍ୟାଳୟ ପାଚିକା ଅଭିଯୋଗ କରିଛନ୍ତି। ଅପରପଟେ ବିଦ୍ୟାଳୟକୁ ଲାଗି ବିରାଟ ପାଣିଖାଲ ରହିଛି। ବିଦ୍ୟାଳୟର ପାଚେରି ନ ଥିବାରୁ ବଡ଼ ବିପଦ ସୃଷ୍ଟି ହୋଇଛି। ବିଦ୍ୟାଳୟ ପରିସରରେ ଧର୍ମଶାଳା ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ରହିଛି। ହେଲେ କାର୍ଯ୍ୟାଳୟ ପରିସରରେ ପରିସ୍ରାଗାର କି ପାନୀୟ ଜଳ ବ୍ୟବସ୍ଥା ହୋଇ ପାରି ନାହିଁ। ଫଳରେ କାର୍ଯ୍ୟାଳୟରେ କାମ କରୁଥିବା ୧୬ରୁ ଊର୍ଦ୍ଧ୍ୱ କର୍ମଚାରୀଙ୍କ କାର୍ଯ୍ୟାଳୟକୁ ଆସୁଥିବା ବହୁ ବ୍ୟକ୍ତିବିଶେଷ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ କରିଛନ୍ତି। ବିଦ୍ୟାଳୟରେ ଲାଗିରହିଥିବା ସମସ୍ୟାଗୁଡ଼ିକ ତୁରନ୍ତ ସମାଧାନ କରାଯିବା ସହ ଭାଙ୍ଗି ଯାଇଥିବା ଶ୍ରେଣୀଗୃହ ଖୁଣ୍ଟର ମରାମତି କରିବାକୁ ଛାତ୍ରୀଛାତ୍ର ଓ ଅଭିଭାବକଙ୍କ ପକ୍ଷରୁ ଦାବି କରାଯାଇଛି।

## ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ପଦଯାତ୍ରା

**ଧର୍ମଶାଳା, ୧୯।୯ (ଡି.ଏନ୍.ଏ.):** ଓଡିଶା ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚର ଆହ୍ୱାନ କ୍ରମେ ବୁଧବାର ଧର୍ମଶାଳା ବ୍ଲକର ଏଣ୍ଡଲବା, ରେଖିଦେଇପୁର, ରାଇଛନ୍ଦା, କବାଟବନ୍ଧ, ମର୍ଯ୍ୟାଦାପୁର, ମଧୁସୂଦନପୁର, ମହିଶରା, ଅରାବଳ, ଉତ୍ତରପ୍ରତାପ, କାଏମା, ଅଭୟପୁର ପ୍ରଭୃତି ପଞ୍ଚାୟତର ସଦର ମହକୁମାରେ ପଞ୍ଚାୟତସ୍ତରୀୟ ପଦଯାତ୍ରା ଓ ପଥପ୍ରାନ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ପଦଯାତ୍ରାକୁ ବିଛାଖଣ୍ଡି ପଞ୍ଚାୟତ ହାଇସ୍କୁଲ ପରିଚାଳନା ସମିତି ସଭାପତି ଧବଳେଶ୍ୱର ପ୍ରଧାନ ଶୁଭାରମ୍ଭ କରିଥିଲେ। ବ୍ଲକ ଗ୍ରାଣ୍ଟ ଉଚ୍ଛେଦ, ପୂର୍ଣ୍ଣ ଅନୁଦାନ, ପେନସନ୍, ସତ୍ୟପାଠ ଉଚ୍ଛେଦ ଆଦି ଦାବିରେ ଏହି ସଭା ଆୟୋଜନ ହୋଇଥିଲା। ଏହି ଅବସରରେ ସରକାରଙ୍କ ଶିକ୍ଷା, ଶିକ୍ଷକ ଓ ଶିକ୍ଷାୟତନ ମାରଣନୀତି ବିରୋଧରେ ଓଷ୍ଟା ବ୍ଲକ ସମ୍ପାଦକ ରମେଶ ଚନ୍ଦ୍ର ବେହେରା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପବିତ୍ର ମୋହନ ପଣ୍ଡା, ଓଷ୍ଟା ସହ ସମ୍ପାଦକ ପବିତ୍ର ମୋହନ ଦାଶ, ଜିଲା ଓଷ୍ଟା କାର୍ଯ୍ୟକାରୀ ସଭାପତି ସୁନନ୍ଦା ରାଉତ, କଂଗ୍ରେସ ନେତା କିଷାନ ପଣ୍ଡା, ବସନ୍ତ ପରିଡା, ସୁନନ୍ଦ ନାୟକ, ଅମୂଲ୍ୟ ନାୟକ, ଛାତ୍ରନେତା ମାନସ ରଞ୍ଜନ ବିଶ୍ୱାଳ ଓ ସଂଯୋଜକ ଅଧ୍ୟାପକ ବିଜୟ କୁମାର ନାୟକ ସରକାରଙ୍କ ଶିକ୍ଷକ ମାରଣନୀତି ବିରୋଧରେ ଜନଜାଗରଣ ସୃଷ୍ଟି କରିବା ଦିଗରେ ପଥପ୍ରାନ୍ତ ସଭାର ଉଦ୍ଦେଶ୍ୟ ବୋଲି ମତବ୍ୟକ୍ତ କରିଥିଲେ।



ମାନବ ଶରୀର ତୁମକୁ ଦିଆଯାଇଛି, ଜୀବଜଗତର କଲ୍ୟାଣରେ ନିଜକୁ ନିୟୋଜିତ କରିବା ପାଇଁ। ଏହାଦ୍ୱାରା ତୁମର ଆତ୍ମା ଭଗବାନଙ୍କ ଚରଣ ତଳେ ସ୍ଥାନ ପାଇବା ପାଇଁ ସକ୍ଷମ ହେବ ।
–ଗୁରୁ ନାନକ



## ସଂକ୍ଷେପରେ

### ବ୍ଲକ୍‌ଗ୍ରାଣ୍ଟ୍ ମିଳିତ ମଞ୍ଚ ଶିକ୍ଷକଙ୍କ ଜିଲ୍ଲା ପରିକ୍ରମା

ବାଲିଆ,୧୯।୯: ୭ଦଫା ଦାବିରେ ଆନ୍ଦୋଳନ ଚଳାଇ ଆସୁଥିବା ବ୍ଲକ୍‌ଗ୍ରାଣ୍ଟ୍ ଓଡ଼ିଶା ସ୍କୁଲ, କଲେଜ ଅଧାପକ ଓ କର୍ମଚାରୀ ମିଳିତ ମଞ୍ଚ ପକ୍ଷରୁ ଗାଁକୁ ଚାଲ ଡାକରା ଦିଆଯାଇଛି। ଜଗତ୍‌ସିହପୁର ଜିଲା ବ୍ଲକ୍‌ଗ୍ରାଣ୍ଟ ଶିକ୍ଷକ ମିଳିତ ମଞ୍ଚ ସଭାପତି ଅଧାପକ ଡ. ଜ୍ୟୋତିପ୍ରକାଶ ସାମନ୍ତରାୟଙ୍କ ନେତୃତ୍ୱରେ ଜିଲାର ସମସ୍ତ ବ୍ଲକ୍‌ଗ୍ରାଣ୍ଟ୍ ଶିକ୍ଷକ ଓ ଅଧାପକ ବାଇକ ଶୋଭାଯାତ୍ରାରେ ଜିଲା ପରିକ୍ରମା କରିଛନ୍ତି। ଶୋଭାଯାତ୍ରା ଜଗତ୍‌ସିଂହପୁରଠାରୁ ବାହାରି ବଭିନ୍ନ ବଜାର ଅତିକ୍ରମ କରି ବିରିଡି ବ୍ଲକ ଅଭିମୁଖେ ଯାତ୍ରା କରିଥିଲା। ପରେ ଶୋଭାଯାତ୍ରା ବିରିଡି ବ୍ଲକ ବସନ୍ତପୁର, ଅଣଖିଆ, ବାଲିଆ, ଦୋଗୋଛିଆ, ପଣ୍ଡିଆ ଓ ବିରିଡି ଛକରେ ପହଞ୍ଚିଥିଲା। ସେଠାରେ ୧୦ ମିନିଟ ରହି ଶିକ୍ଷକ ଓ ଅଧାପକମାନେ ଚଳେଇଥିବା ଧର୍ମଘଟ ଓ ସେମାନଙ୍କ ଦାବି ସମ୍ପର୍କରେ ଲୋକଙ୍କୁ ଅବଗତ କରାଇଥିଲେ। ଏହାପରେ ବିରିଡି ଛକରୁ ବାହାରି ବଡିମିରା, ଅଲାଣ୍ଡ, ବଡଖଣ୍ଡାୟତା ଗ୍ରମପଞ୍ଚାୟତ ଦେଇ କଟକ-ପାରାଦୀପ ରୋଡର ସୋମପୁର ବଜାରକୁ ବାହାରି ଥିଲେ। ସେଠାରୁ ରଘୁନାଥପୁର ବ୍ଲକ ଅଭିମୁଖେ ଯାତ୍ରା କରି ବୋଧପୁର, ଅରଣା, ଶିବପୁର ପଞ୍ଚାୟତ ପାସକରି ରଘୁନାଥପୁର ବ୍ଲକର ବିଭିନ୍ନସ୍ଥାନ ଗସ୍ତ କରିଥିଲେ। ଶୋଭାଯାତ୍ରାରେ ଓଷ୍ଟା ବ୍ଲକ ସମ୍ପାଦକ ଅଶୋକ କୁମାର ଦାସ, ଅଧାପିକା ଭାରତୀ ବେହେରା, ଦେବକଲ୍ୟାଣ ପଣ୍ଡା, ଶିସିର କୁମାର ଦାସ, ସଞ୍ଜୟ କୁମାର ମିଶ୍ର, ଚୁମନ ବେହେରା, ପ୍ରତାପ କିଶୋର ମହାପାତ୍ର, ଶ୍ରୀଧର ମହାରଣା, ପ୍ରମୋଦ ନାୟକ ଓ ଶରତ ଚନ୍ଦ୍ର ମହାରଣାଙ୍କ ସମେତ ବିଭିନ୍ନ ବ୍ଲକରୁ ଶହଶହ ବ୍ଲକଗ୍ରାଣ୍ଟ୍ ଶିକ୍ଷକ, ଅଧାପକ ଓ କର୍ମଚାରୀ ସାମିଲ ହୋଇଥିଲେ।

### ନବ ନିର୍ମାଣ କୃଷକ ସଙ୍ଗଠନ ବୈଠକ

ନାଉଗାଁ,୧୯।୯(ସ୍ୱ.ପ୍ର.): ନାଉଗାଁ ତହସିଲ ପଡ଼ିଆ ସମ୍ମୁଖରେ ବୁଧବାର ନବ ନିର୍ମାଣ କୃଷକ ସଙ୍ଗଠନ ନାଉଗାଁ ଶାଖା ପକ୍ଷରୁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବଂଶୀଧର ବେହେରାଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ରାଜ୍ୟ ସହ ସଂଯୋଜକ ରଶ୍ମିରଞ୍ଜନ ସ୍ୱାଇଁ, ସଂଗଠନ ଉପଦେଷ୍ଟା ବଂଶୀଧର ପଟ୍ଟନାୟକ, ନିତ୍ୟାନନ୍ଦ ପଣ୍ଡା, ଜିଲା ସହ ସଂଯୋଜକ ଅଶୋକ ସ୍ୱାଇଁ, ବ୍ଲକ ସଂଯୋଜକ କୈଳାସ ପରିଡା, ଜିଲା କମିଟି ସଦସ୍ୟ ବାବାଜୀ ଚରଣ ଜେନା ଓ ସୁଶାନ୍ତ ସେଠୀ ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ଆଗାମୀ ୨୯ ତାରିଖରେ ଭୁବନେଶ୍ୱରରୁ ବାଲୁଗାଁ ଓ କୁଆଖୀଆରୁ ହେବାକୁ ଥିବା ଚାଷୀ ପଦଯାତ୍ରାରେ ୩ ଲକ୍ଷ ଚାଷୀ ଯୋଗ ଦେବାକୁ ସ୍ଥିର କରାଯାଇଛି। ଏଥିରେ ଉକ୍ତ ବ୍ଲକରୁ ୫ହଜାର ଚାଷୀ ଯେଗା ଦେବା ପାଇଁ ମତବ୍ୟକ୍ତ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ପ୍ରଫୁଲ୍ଲ ପରିଡା, ଅଜୟ ପରିଡ଼ା, ବ୍ରହ୍ମାନନ୍ଦ ଲେଙ୍କା, ଜଟାଧାରୀ ନାୟକ, ଜିତେନ୍ଦ୍ର ମହାନ୍ତି, ଦେବୀପ୍ରସାଦ ମହାରଣା, ନବକିଶୋର ମହାନ୍ତି, ବିଜୟ ମହାନ୍ତି, ଦିଲୀପ ରାଉତ, ଦେବ ଦୁର୍ଲ୍ଲଭ ଦାସ, ନିରଞ୍ଜନ ବେହୁରା ଓ ବିଚିତ୍ରା ନନ୍ଦ ଲେଙ୍କା ପ୍ରମୁଖ ଉପସ୍ଥିତ ଥିଲେ।

### କୋଲର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀକଲ୍ୟାଣ ସମିତି ବୈଠକ

ତିର୍ତ୍ତୋଲ,୧୯।୯(ଡି.ଏନ.ଏ.): ତିର୍ତ୍ତୋଲ ବ୍ଲକ ଅଧୀନ କୋଲର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ବୁଧବାର ରୋଗୀ କଲ୍ୟାଣ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ସଭ୍ୟ ପ୍ରବୀର ରାୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଡିଓ ରଞ୍ଜନ କୁମାର ପରିଡା, ମଣିଜଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ମୁଖ୍ୟ ଚିକିତ୍ସାଧିକାରୀ ଡା.ଉମାକାନ୍ତ ସାହୁ, ବିପିଓ ରଞ୍ଜିତା ସିଂହ, କୋଲର ଜଗନ୍ନାଥ ଉଚ୍ଚ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ କବିତା ବେଉରା, କୋଲର ପ୍ରାଥମିକ ଚିକିତ୍ସାକେନ୍ଦ୍ର ଆୟୁଷ ଡାକ୍ତର ଡା. ସତ୍ୟନାରାୟଣ କାନୁନ୍‌ଗୋ ଓ ଫାର୍ମାସିଷ୍ଟ ଦୀନବନ୍ଧୁ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ବୈଠକରେ ସମିତି ପୂର୍ବ ବର୍ଷର ହୋଇଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମୀକ୍ଷା କରାଯିବା ସହ ୨୦୧୮-୧୯ ଆର୍ଥିକ ବର୍ଷରେ ହେବାକୁ ଥିବା ବିଭିନ୍ନ ଉନ୍ନୟନ କାର୍ଯ୍ୟ ସମ୍ପର୍କରେ ଆଲୋଚନା କରାଯାଇ ଜିଲା ପରିଷଦ ସଭ୍ୟ ରାୟ, ବିଡିଓ ପରିଡା, ଡା. ଉମାକାନ୍ତ ସାହୁଙ୍କ ଦ୍ୱାରା ଅନୁମୋଦନ କରାଯାଇଥିଲା। ପରେ ନିଦାନ ନିଶୁଳ୍କ ରୋଗ ନିରୁପଣ ସେବା ବିଡିଓ ପରିଡା, ଡା. ସାହୁ ଓ ରାୟଙ୍କ ଉପସ୍ଥିତିରେ ଶୁଭାରମ୍ଭ ହୋଇଥିଲା। ଏଣିକି କୋଲର ଓ ଆଖପାଖ ଅଞ୍ଚଳର ଜନସାଧାରଣ ହେମଗ୍ଲୋବିନ, ମ୍ୟାଲେରିଆ, ରକ୍ତ ଶର୍କରା, ମୂତ୍ର ଶର୍କରା, ଏଚଆଇଭି ଆଦି ୯ ପ୍ରକାର ପରୀକ୍ଷା ମାଗଣାରେ କରିପାରିବେ ବୋଲି କୁହାଯାଇଥିଲା।

■ ଜଗତ୍‌ସିଂହପୁର ବିଜେଡି ରାଜନୀତିରେ ଘଡ଼ିକେ ଘୋଡ଼ା ଛୁଟୁଛି

# ଦାମଙ୍କ ଗଡ଼ରୁ ପ୍ରାର୍ଥୀ ହେବାକୁ ବିଷ୍ଣୁଙ୍କ ଇଚ୍ଛା

ଜଗତ୍‌ସିଂହପୁର ଅଫିସ, ୧୯।୯

- ରାଜଶ୍ରୀଙ୍କ ସ୍ୱର ବଦଳିଲା, ମୁଖ୍ୟମନ୍ତ୍ରୀଙ୍କ ଆଗରେ ଦାମଙ୍କ ବିରୋଧରେ ବର୍ଷିଲେ
- ପ୍ରତାପ ଜେନା ଓ ପ୍ରଶାନ୍ତ ମୁଦୁଲିଙ୍କୁ ଭୁବନେଶ୍ୱରରେ ସମ୍ବର୍ଦ୍ଧିତ କଲେ ବିଷ୍ଣୁ
- ସନ୍ତୋଷ ପଟ୍ଟନାୟକଙ୍କ ଆଶା ମଉଳିବା ନେଇ ଚର୍ଚ୍ଚା

ଜଗତ୍‌ସିଂହପୁର ଜିଲା ବିଜେଡି ରାଜନୀତି ଘଡ଼ିକେ ଘୋଡ଼ା ଛୁଟୁଛି। ବରିଷ୍ଠ ନେତା ଡା. ଦାମୋଦର ରାଉତଙ୍କୁ ଦଳରୁ ବହିଷ୍କାର କରାଯିବା ପରେ ଜିଲା ବିଜେଡି ସଭାପତି ବିଷ୍ଣୁଚରଣ ଦାସ ଅଧିକ ଉତ୍ସାହିତ ହୋଇ ପଡିଛନ୍ତି। ଯାହାର ପ୍ରତିଫଳନ ଦେଖିବାକୁ ମିଳିଛି ବୁଧବାର। ଡା. ରାଉତଙ୍କ ଗଡ଼ କୁହାଯାଉଥିବା ପାରଦୀପ ବିଧାନସଭା ନିର୍ବାଚନମଣ୍ଡଳୀରୁ ତାଙ୍କୁ ପ୍ରାର୍ଥୀ କରାଗଲେ ସେ ଛିଡା ହେବାକୁ ପ୍ରସ୍ତୁତ ବୋଲି ସ୍ପଷ୍ଟ କରିଛନ୍ତି। ଦାସଙ୍କ ଏହି କଥା ଯେବେ ସତ ହୁଏ ତେବେ ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀରୁ ଆଶାୟୀ ଥିବା ଅନ୍ୟ ବିଜେଡି ନେତାମାନେ ନିରାଶ ହେବେ। ବିଶେଷକରି ଶ୍ରମିକ ନେତା ସନ୍ତୋଷ ପଟ୍ଟନାୟକଙ୍କ ଆଶା ମଉଳିଯିବ। ପଟ୍ଟନାୟକଙ୍କୁ ଅସ୍ତ୍ର କରି ଦାସ ପାରାଦୀପ ବିଧାନସଭା ନିର୍ବାଚନମଣ୍ଡଳୀରେ ହସ୍ତକ୍ଷେପ କରୁଥିଲେ। ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦେଇ ଡା. ରାଉତଙ୍କ ଉପରେ ଚାପ ପକାଉଥିଲେ। ଡା. ରାଉତ ଦଳରୁ ବିଦା ହେଲା ପରେ ସେ ପ୍ରଥମ ଥର ପାଇଁ ପାରାଦୀପରୁ ପ୍ରାର୍ଥୀ ହେବା ପାଇଁ ଇସାରା ଦେବା ଜିଲା ରାଜନୈତିକ ପରିବେଶକୁ ଏକପ୍ରକାର ଗୋଳମାଳିଆ କରିଦେଇଛି। ଅନ୍ୟପଟେ ଡା. ରାଉତଙ୍କ ନିକଟତର କୁହାଯାଉଥିବା ତିର୍ତ୍ତୋଲ ବିଧାୟିକା ରାଜଶ୍ରୀ ମଲ୍ଲିକ ମଙ୍ଗଳବାର ଶତାଧିକ ଦଳୀୟ ଲୋକଙ୍କୁ ନେଇ ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଦାମ ବିରୋଧୀ ମନ୍ତବ୍ୟ ଦେଇଛନ୍ତି। ଏହାର ଗୋଟିଏ ଦିନ ପରେ ଦାସ ମଧ୍ୟ ପୃଥକ ଭାବେ ଶତାଧିକ ଲୋକଙ୍କୁ ନେଇ ଭୁବନେଶ୍ୱରରେ ନିଜର ସ୍ଥିତି ଜାହିର କରିଛନ୍ତି। ନୂଆକରି ଦଳ ଜଗତ୍‌ସିଂହପୁର ଜିଲା ସହ ପର୍ଯ୍ୟବେକ୍ଷକ ଦାୟିତ୍ୱ ନେଇଥିବା ମନ୍ତ୍ରୀ ପ୍ରତାପ ଜେନା ଓ ଜିଲା କାର୍ଯ୍ୟକାରୀ ସଭାପତି ପ୍ରଶାନ୍ତ ମୁଦୁଲିଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ବିଷ୍ଣୁ ଓ ରାଜଶ୍ରୀଙ୍କ ମଧ୍ୟରେ ଦୀର୍ଘ ୪ ବର୍ଷ ହେବ ସମ୍ପର୍କ ତିକ୍ତ। ରାଜଶ୍ରୀଙ୍କ ଗସ୍ତର ଗୋଟିଏ ଦିନ ପରେ ଭୁବନେଶ୍ୱରରେ ବିଷ୍ଣୁଙ୍କ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ନେଇ ନାନା ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଆଗକୁ ଦେଖିବାର ଅଛି ଦଳ ପକ୍ଷରୁ କି ନିଷ୍ପତ୍ତି ନିଆଯାଉଛି।

ବରିଷ୍ଠ ବିଜେଡି ନେତା ଦାସଙ୍କ ନିର୍ବାଚନମଣ୍ଡଳୀ ହେଉଛି ଜଗତ୍‌ସିଂହପୁର। ଦାସ ଏହି ବିଧାନସଭା ନିର୍ବାଚନମଣ୍ଡଳୀରୁ ୫ ଥର ଜିତିଥିଲେ ସୁଦ୍ଧା ୨୦୧୪ରେ ହାରି ଯାଇଥିଲେ। ତଥାପି ଦଳ ତାଙ୍କ ଉପରେ ଆସ୍ଥା ନ ହରାଇ ପ୍ରଥମେ ରାଜ୍ୟସଭା ଏମ୍‌ପି ଓ ପରେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ପଦବୀରେ ଅବସ୍ଥାପିତ କରିଛି। ଜଗତ୍‌ସିଂହପୁର ବିଧାନସଭା ନିର୍ବାଚନମଣ୍ଡଳୀର ବର୍ତ୍ତମାନ ବିଧାୟକ ଚିରଞ୍ଜୀବ ବିଶ୍ୱାଳ ବିରୋଧୀ ଦଳ ଉପନେତା ତଥା ପିସିସି କାର୍ଯ୍ୟକାରୀ ସଭାପତି ଭଳି ଗୁରୁ ଦାୟିତ୍ୱରେ ଅଛନ୍ତି। ଆଗାମୀ ନିର୍ବାଚନରେ ସେ ନିଜର ସ୍ଥିତି ପାଇଁ ସମସ୍ତ ଉଦ୍ୟମ କରିବେ। କିନ୍ତୁ ବିଜେଡି ଓ ଭାଜପାର କେଉଁମାନେ ପ୍ରାର୍ଥୀ ହେବେ ତାହା ଏ ଯାଏ ସ୍ପଷ୍ଟ ହୋଇପାରୁନାହିଁ। ଅତୀତର ସମୀକରଣକୁ ଅନୁଧ୍ୟାନ କଲେ ଜଣାଯାଏ ବିଜେଡି ଓ କଂଗ୍ରେସ ମଧ୍ୟରେ ମୁକାବିଲା ହେବ। ଭାଜପା ସ୍ଥିତି ଆଶାତୀତ ଭାବେ ସୁଧୁରିଥିବାରୁ ଏହି ଦଳ ଆସନ୍ତା ନିର୍ବାଚନରେ ପ୍ରମୁଖ ଭୂମିକା ନିଭାଇବ। ଏହିଭଳି ଅନେକ କଥା ସାଧାରଣରେ ଆଲୋଚନା ହେଉଥିବା ବେଳେ ଦାସ ପାରାଦୀପରୁ ପ୍ରାର୍ଥୀ ହେବାକୁ ମନ ବଳାଇଛନ୍ତି। ଶିଳ୍ପ ସମୃଦ୍ଧ ପାରାଦୀପ ଉପରେ କେବଳ ରାଜନେତା ନୁହନ୍ତି, ସରକାରଙ୍କ ମଧ୍ୟ ଆଖି। ଦାସଙ୍କୁ ଏହି ଆଶନରୁ ପ୍ରାର୍ଥୀ କରାଗଲେ ନିର୍ବାଚନମଣ୍ଡଳୀର ଅନ୍ୟ ଆଶାୟୀମାନେ କେତେଦୂର ଗ୍ରହଣ କରିବେ ତାହା ସମୟ କହିବ। କିନ୍ତୁ ବର୍ତ୍ତମାନର ଚିତ୍ର ଦେଖିଲେ ଜଣାଯାଏ, ଏହି ନିର୍ବାଚନମଣ୍ଡଳୀରୁ ୫ ଜଣଙ୍କ ନାଁ ଆସୁଛି। ସେମାନେ ହେଲେ ଡା. ରାଉତଙ୍କ ପୁଅ ସମ୍ବିତ ରାଉତରାୟ, କଟକ ସଦର ବିଧାୟକ ଦେବାଶୀଷ ସାମନ୍ତରାୟ, ଏମ୍‌ପି କୁଳମଣୀ ସାମଲ, ପାରାଦୀପ ପୌରାଧକ୍ଷ ବସନ୍ତ ବିଶ୍ୱାଳ ଓ ଶ୍ରମିକ ନେତା ସନ୍ତୋଷ ପଟ୍ଟନାୟକ। ଏହି ୫ ଜଣଙ୍କ ମଧ୍ୟରୁ ପଟ୍ଟନାୟକ ହେଉଛନ୍ତି ବିଷ୍ଣୁଙ୍କ ନିକଟତର ଲୋକ। ଆଗାମୀ ନିର୍ବାଚନରେ ଦଳୀୟ ପ୍ରାର୍ଥୀ ହେବା ନେଇ ସେ ବିଷ୍ଣୁଙ୍କ ସହ ସମ୍ପର୍କ ଯୋଡିଥିବା ଆଲୋଚନା ହେଉଛି। ବିଷ୍ଣୁଙ୍କୁ ପ୍ରାର୍ଥୀ କରାଗଲେ ସେ ଗ୍ରହଣ କରିପାରିବେ କି ବିରୋଧ କରିବେ ତାହା ପ୍ରାର୍ଥୀ ଚୂଡାନ୍ତ ପରେ ସ୍ପଷ୍ଟ ହେବ। ଅନୁରୂପ ଭାବେ ଅନ୍ୟ ୪ ଜଣ ମଧ୍ୟ ଗ୍ରହଣ କରିପାରିବେ କି ନାହିଁ ତାହା ସମୟ କହିବ। ପାରାଦୀପ ନ ହେଲେ ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀରେ ମଧ୍ୟ ବିଷ୍ଣୁ ସଙ୍ଗଠନ ରଖିଛନ୍ତି।

୪ ବର୍ଷ ପୂର୍ବରୁ ସେ ବିକଳ୍ପ ବ୍ୟବସ୍ଥା କଥା ଚିନ୍ତା କରିଥିଲେ। ଏହି ବିକଳ୍ପ ହେଉଛି ତିର୍ତ୍ତୋଲ ବିଧାନସଭା ନିର୍ବାଚନମଣ୍ଡଳୀ ଦଳୀୟ ସଙ୍ଗଠନକୁ ନିଜ କବ୍‌ଜାରେ ରଖିବା। ଯେହେତୁ ଏହି ନିର୍ବାଚନମଣ୍ଡଳୀରେ ବିଜେଡିର ଦବଦବା ଅଛି, ତେଣୁ ସଂଗଠନ ତାଙ୍କ ସପକ୍ଷରେ ରହିଲେ ସେ ୨୦୧୯ ନିର୍ବାଚନରେ ସେଠାରୁ ପ୍ରାର୍ଥୀ ହେବାରେ ଅସୁବିଧା ହେବ ନାହିଁ। ଖାସ୍‌କରି ଏହି କାରଣରୁ ବିଧାୟିକା ରାଜଶ୍ରୀ ଓ ବିଷ୍ଣୁଙ୍କ ମଧ୍ୟରେ ବିବାଦ। ବିଭିନ୍ନ ସମୟରେ ଉଭୟ ପରସ୍ପର ବିରୋଧୀ ମନ୍ତବ୍ୟ ଦେଇ ଚର୍ଚ୍ଚାକୁ ଆସିଛନ୍ତି। ବିଧାୟିକାଙ୍କୁ ପୂର୍ଣ୍ଣ ସମର୍ଥନ ଦେଉଥିଲେ ବରିଷ୍ଠ ନେତା ଡା. ରାଉତ। କିନ୍ତୁ ଏବେ ରାଉତଙ୍କୁ ଦଳରୁ ବିଦା କରାଗଲା ପରେ ସେ ବାଧହୋଇ ସ୍ୱର ବଦଳାଇଛନ୍ତି। ମଙ୍ଗଳବାର ଶତାଧିକ ଲୋକଙ୍କ ସହ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଡା. ରାଉତ ଦଳୀୟ ବିଶୃଙ୍ଖଳା କରୁଥିଲେ ବୋଲି କହିଛନ୍ତି। ରାଜଶ୍ରୀଙ୍କ ଏହି ଗସ୍ତ ଦେଖି ବିଷ୍ଣୁ ସମ୍ଭାଳିପାରି ନାହାନ୍ତି। ବୁଧବାର ଶତାଧିକ ଲୋକ ନେଇ ଭୁବନେଶ୍ୱରରେ ନୂଆ ଦଳ ଜିଲା ସହ ପର୍ଯ୍ୟବେକ୍ଷକ ତଥା ମନ୍ତ୍ରୀ ଜେନା ଓ ଜିଲା କାର୍ଯ୍ୟକାରୀ ସଭାପତି ତଥା ବିଧାୟକ ମୁଦୁଲିଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ପ୍ରଶ୍ନ ଉଠୁଛି ଦାସ ସଭାପତି ହୋଇଥିବା ବେଳେ ମୁଦୁଲି କାର୍ଯ୍ୟକାରୀ ସଭାପତି। ଦୁହେଁ ଜଗତ୍‌ସିଂହପୁର ଜିଲାର ନେତା। ଏ ପରିସ୍ଥିତିରେ ମୁଦୁଲିଙ୍କୁ ଜଗତ୍‌ସିଂହପୁର ପରିବର୍ତ୍ତେ ଭୁବନେଶ୍ୱରରେ ସମ୍ବର୍ଦ୍ଧିତ କରିବାର କାରଣ କ'ଣ। ତେବେ ଦେଖାଯାଉ ଆଗକୁ ଦଳୀୟ ମୋଡ କୁଆଡେ ଯାଉଛି।



ହିନ୍ଦୀ ଦିବସ ପକ୍ଷ ପାଳନ ଉପଲକ୍ଷେ କୃତୀ ପ୍ରତିଯୋଗୀଙ୍କୁ ଟ୍ରଫି ପ୍ରଦାନ କରାଯାଉଛି।

## ହିନ୍ଦୀ ଦିବସ ପକ୍ଷ ପାଳନ

ରଘୁନାଥପୁର, ୧୯।୯( ଡି.ଏନ.ଏ.)

ରଘୁନାଥପୁର ବ୍ଲକ ଗୋକୁଳପୁର ସାରଦା ସରକାରୀ ଉଚ୍ଚ ବିଦ୍ୟାଳୟରେ ବୁଧବାର ହିନ୍ଦୀ ଦିବସ ପକ୍ଷ ପାଳନ କରାଯାଇଛି। ହିନ୍ଦୀ ଶିକ୍ଷୟିତ୍ରୀ ପ୍ରମିଳା ନାୟକଙ୍କ ପରିଚାଳନାରେ ଆୟୋଜିତ ସଭାରେ ପ୍ରଧାନ ଶିକ୍ଷକ ସର୍ବେଶ୍ୱର ବିଶ୍ୱାଳ ସଭାପତିତ୍ୱ କରିଥିଲେ। ଏଥିରେ ଜିଲା ହିନ୍ଦୀ ଶିକ୍ଷକ ସଂଘର ଉପଦେଷ୍ଟା ପ୍ରସନ୍ନ କୁମାର ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ରତ୍ୟେକ ଛାତ୍ରୀଛାତ୍ର ନିଜର ଇଚ୍ଛାଶକ୍ତି ଜାଗ୍ରତ କରାଇ ରାଷ୍ଟ୍ରଭାଷା ହିନ୍ଦୀ ପ୍ରତି ଆଗ୍ରହ ପ୍ରକାଶ କରିବାକୁ ଆହ୍ୱାନ ଦେଇଥିଲେ। ଫଳରେ ଭବିଷ୍ୟତରେ ଏହି ଭାଷା ଭାରତ ବର୍ଷର ଯେକୌଣସି ସ୍ଥାନରେ ନିଜର ସମ୍ପର୍କକୁ ସୁଦୃଢ କରିପାରିବ ବୋଲି ମତ ରଖିଥିଲେ। ମୁଖ୍ୟବକ୍ତା ଭାବେ ହିନ୍ଦୀ ଶିକ୍ଷକ ସଂଘର ସମ୍ପାଦକ ପ୍ରତାପ ଚନ୍ଦ୍ର ରାଉତରାୟ, ଛାତ୍ରୀଛାତ୍ରମାନେ ତୃଣମୂଳ ସ୍ତରରୁ ହିନ୍ଦୀ ଲେଖିବା, ପଢିବା ଓ ହିନ୍ଦୀ ଭାଷାରେ କଥାବାର୍ତ୍ତା ହେଲେ ଏହା ରାଜ ଘୋଷ ବିଦ୍ୟା ଭଳି ଅଭ୍ୟାସରେ ପରିଣତ ହୋଇଯିବ ବୋଲି ପରାମର୍ଶ ଦେଇଥିଲେ। ପିଲାମାନେ ହିନ୍ଦୀରେ ଭାଷଣ ପ୍ରଦାନ କରିଥିଲେ। ଚାରି ଜଣ କୃତୀ ଛାତ୍ରୀଛାତ୍ରଙ୍କୁ ବିଦ୍ୟାଳୟ ପକ୍ଷରୁ ଟ୍ରଫି ପ୍ରଦାନ କରାଯାଇଥିଲା। ଏହାଛଡା ସ୍ୱଚ୍ଛତା ପଖଡା ଅଭିଯାନରେ ସାମିଲ ଥିବା ଛାତ୍ରୀଛାତ୍ରଙ୍କୁ ବିଜ୍ଞାନ ଶିକ୍ଷୟିତ୍ରୀ ମନୀଷା ମିଶ୍ରଙ୍କ ପରିଚାଳନାରେ ପୁରସ୍କୃତ କରାଯାଇଥିଲା। ସିଆରସିସି ମହମ୍ମଦ ଓସାମା, ପରିଚାଳନା କମିଟିର ସଭାପତି ରାଜେନ୍ଦ୍ର ନାରାୟଣ ସିଂହ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ହିନ୍ଦୀ ଶିକ୍ଷୟିତ୍ରୀ ନାୟକ ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଏଥିରେ ସହଯୋଗ କରିଥିଲେ।

## ଭାଜପାର ସାଂଗଠନିକ ବୈଠକ

ବାଲିକୁଦା, ୧୯।୯(ସ୍ୱ.ପ୍ର.)

ବାଲିକୁଦା ମଣ୍ଡଳ ଭାଜପା ପକ୍ଷରୁ ଅଡଙ୍ଗାସ୍ଥିତ ରଘୁନାଥ ଜୀଉ ମନ୍ଦିର ପରିସରରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭାଜପାର ବରିଷ୍ଠ କର୍ମୀ କାର୍ତ୍ତିକ ଚନ୍ଦ୍ର ଲେଙ୍କା ସଭାପତିତ୍ୱ କରିଥିଲେ। ସମିତିସଭ୍ୟ ଜଟାଧାରୀ ଦାସ, ମାନସ କୁମାର ନାୟକ, ଅଡଙ୍ଗା ପଞ୍ଚାୟତ ପ୍ରମୁଖ ସଞ୍ଜୟ କୁମାର ବିଶ୍ୱାଳ, ଆଇନଜୀବୀ ବନମାଳି ସାହାଣୀ, ଟୁକୁନା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଅଡଙ୍ଗା ପଞ୍ଚାୟତର ୫ ବୁଥ୍‌ରେ ସଂଗଠନକୁ ମଜଭୁତ କରିବା ପାଇଁ ବୁଥ ସଭାପତି ନିର୍ବାଚନ ସହିତ କମିଟି ଗଠନ କରାଯାଇଥିଲା। କାଲୁ ଭୋଇ, ସଞ୍ଜୟ କୁମାର ବିଶ୍ୱାଳ, ବସନ୍ତ ସ୍ୱାଇଁ, ସୁବ୍ରତ ମହାରଣା, ବୁଲାକୀ ସେଠୀଙ୍କୁ ବିଭିନ୍ନ ବୁଥ୍‌ର ସଭାପତି ଭାବେ ମନୋନୀତ କରାଯାଇଥିଲା। ଅନ୍ୟମାନଙ୍କ ମଧ୍ୟରେ ତପନ କାଣ୍ଡି, ମହେନ୍ଦ୍ର ଭୋଇ, ବିପିନ ବିହାରୀ ପରିଡା, ରୁଷିନାଥ ଦାସ, ଚନ୍ଦ୍ରଶେଖର ସାହୁ, କଣ୍ଠମଣି ଦାସ, ବାଲୁ ଦାସ, ଅଶୋକ ମଲ୍ଲିକ, କୃଷ୍ଣଚନ୍ଦ୍ର ଦାସ, ଜଗବନ୍ଧୁ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

## ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି

ନାଉଗାଁ,୧୯।୯(ସ୍ୱ.ପ୍ର.)



ଥାନାକୁ ଦାବିପତ୍ର ଦେବାକୁ ଆସିଥିବା ଅଭିଯୋଗକାରୀ।

ନାଉଗାଁ ବ୍ଲକ ଅଲଣା ପଞ୍ଚାୟତ ଅଲଣା ଗ୍ରାମର ରେଖା ଦାସ, ସୀମା ଦାସ, ବାଦଲ ଦାସ, ଟୁକୁନା ଦାସ, ଉଲ୍ଲାସ ଭୋଇ ଓ ରାକେଶ ଭୋଇ ପ୍ରମୁଖଙ୍କ ସହ ବେଣାପଡ଼ା ଗ୍ରାମର ସମିତିସଭ୍ୟ ମନ୍ମଥ ଓଝାଙ୍କ ମଧ୍ୟରେ ଘଟିଥିବା ବିବାଦ କ୍ରମେ ବଢ଼ିବାରେ ଲାଗିଛି। ମଙ୍ଗଳବାର ନାଉଗାଁ ବିଜେଡି ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରି ସିମିତିସଭ୍ୟ ଓଝାଙ୍କୁ ଚାନ୍ଦା ମାଗି ହଇରାଣ କରିଥିବା ସମ୍ପୃକ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବାକୁ ଦାବି କରିଥିଲେ। ଯଦି ଏ ଦିଗରେ କୌଣସି ପଦକ୍ଷେପ ନିଆ ନ ଯାଏ ଆସନ୍ତା ୨୨ ତାରିଖଠାରୁ ଥାନାରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ସେହିପରି ବୁଧବାର ଅଲଣା ଗ୍ରାମର ରେଖା ଦାସ, ସୀମା ଦାସ, ବାଦଲ ଦାସ, ଟୁକୁନା ଦାସ, ଉଲ୍ଲାସ ଭୋଇ ଓ ରାକେଶ ଭୋଇଙ୍କ ସମେତ ପ୍ରାୟ ୭୦ ଜଣ ନାଉଗାଁ ଥାନା ଅଧିକାରୀଙ୍କୁ ଭେଟି ସେମାନଙ୍କୁ ଗାଳିଗୁଲଜ କରିବା ଓ ଜାତିଆଣ ଆକ୍ଷେପ କରିଥିବା ସମିତିସଭ୍ୟ ଜେନା, ନହଡିପଡା ଗ୍ରାମର ଦୀପକ ରାୟ ଓ ତାଙ୍କର କେତେକ ସହଯୋଗୀଙ୍କୁ ଶୀଘ୍ର ଗିରଫ କରିବାକୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିସହିତ ଏହାର ନକଲ ଜିଲା ଆରକ୍ଷୀ ଅଧୀକ୍ଷକ, ଏସ୍‌ଡିପିଓ ଓ ଜଗତ୍‌ସିଂହପୁର ବିଧାୟକଙ୍କୁ ପ୍ରଦାନ କରିଛନ୍ତି। ଯଦି ୨୨ ତାରିଖ ସୁଧା ସମିତିସଭ୍ୟ ଓ ଅନ୍ୟମାନଙ୍କୁ ଗିରଫ କରା ନ ଯାଏ ତେବେ ଥାନା ଆଗରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି। ଫଳରେ ଉଭୟ ଘଟଣାକୁ ନେଇ ଏବେ ପୋଲିସ ଅଡୁଆରେ ପଡ଼ିଯାଇଛି। ଏ ସମ୍ପର୍କରେ ନାଉଗାଁ ଥାନା ଅଧିକାରୀ ପ୍ରଜ୍ଞା ରିତାମ୍ବର କର କହିଛନ୍ତି, ଅଭିଯୋଗ ଅନୁସାରେ ମାମଲା ରୁଜୁ କରାଯାଇ ତଦନ୍ତ ଚାଲିଛି। ଖୁବ୍‌ଶୀଘ୍ର ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସୂଚନାଯୋଗ୍ୟ, ଉଭୟ ପକ୍ଷ ଗତ ୧୨ତାରିଖରେ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗକୁ ଭିତ୍ତିକରି ୨ଟି ମାମଲା ନଂ–୧୦୬,୧୦୭/୧୮ ରୁଜୁ କରି ତଦନ୍ତ ଜାରି ରଖିଛି। ହେଲେ ଏ ପର୍ଯ୍ୟନ୍ତ ଉଭୟ ପକ୍ଷରୁ କାହାରିକୁ ଗିରଫ କରିନାହିଁ।

## ରାହାମାରେ ଶିକ୍ଷକ ମିଳିତ ମଞ୍ଚର ପ୍ରତିବାଦ ସଭା

ରାହାମା,୧୯।୯(ଡି.ଏନ.ଏ.)

ଜଗତ୍‌ସିଂପୁର ଜିଲାରେ ଆରମ୍ଭ ହୋଇଥିବା ସ୍କୁଲ, କଲେଜ ଶିକ୍ଷକ ଓ କର୍ମଚାରୀ ମିଳିତ ମଞ୍ଚ ବାଇକ ଶୋଭାଯାତ୍ରା ବୁଧବାର ସନ୍ଧ୍ୟାରେ କୁଜଙ୍ଗ ବ୍ଲକ୍‌ର ରାହାମା ଅଞ୍ଚଳରେ ପହଞ୍ଚିଥିଲା। ପରେ ରାହାମା ସ୍ଥିତ ବିଜୁ ମଣ୍ଡପ ନିକଟରେ ପ୍ରତିବାଦ ସଭା କରାଯାଇଥିଲା। ଓଷ୍ଟା ରାଜ୍ୟ ସମ୍ପାଦକ ବସନ୍ତ ଦାସଙ୍କ ସଭାପତିତ୍ୱରେ ହୋଇଥିବା କାର୍ଯ୍ୟକ୍ରମରେ ବହୁ ଶିକ୍ଷକ ନେତା ଯୋଗ ଦେଇଥିଲେ। ଏହାକୁ ସମର୍ଥନ ଜଣାଇ ବିଭିନ୍ନ ସ୍କୁଲ, କଲେଜ ପରିଚାଳନା ସମିତି ସଭ୍ୟାସଭ୍ୟଙ୍କ ସହ ବହୁ ରାଜନେତା ଓ ବୁଦ୍ଧିଜୀବୀ ସାମିଲ ହୋଇଥିଲେ। ପ୍ରହ୍ଲାଦ କୁମାର ଶତପଥୀ, ଜିଲା ଭାଜପା ଯୁବମୋର୍ଚ୍ଚା ସଭାପତି ସମ୍ପଦ ସ୍ୱାଇଁ, ସାମାଜିକର୍ମୀ ସୁନାକର ବେହେରା, ସୁକାନ୍ତ କୁମାର ଦାଶ, ଓଷ୍ଟା ସମ୍ପାଦକ ନାରାୟଣ ଚନ୍ଦ୍ର ବାରିକ୍, ଜିଲା ଯୁଗ୍ମ ସମ୍ପାଦକ ସୁବାସ ଚନ୍ଦ୍ର ଦାସ, ରାକେଶ କୁମାର ଦାସ ଓ ବିନୋଦ ବିହାରୀ ମୁଦୁଲି ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ ସହ ବ୍ଲକ୍‌ଗ୍ରାଣ୍ଟ ପରି କୁପ୍ରଥାର ବିଲୋପ ଦାବି କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ନେତା ସାରଦା ପ୍ରସନ୍ନ ଦାସ, ସୁରେଶ ଚନ୍ଦ୍ର ଦଳାଇ, ତପନ ବେହେରା, ଅମ୍ବୁଜ କୁମାର ମହାନ୍ତି, ଅଧ୍ୟାପକ ଡ. କିଶୋର କୁମାର ଜେନା ଓ ନନ୍ଦକିଶୋର ସ୍ୱାଇଁ ପରିଚାଳନା କରିଥିଲେ।







## ବିଗାଡ଼ିଲା ବର୍ଷା, ଘଡ଼ଘଡ଼ି

ପାରାଦୀପ,୧୯।୯(ସ୍ୱ.ପ୍ର.)

**ବିଶ୍ୱକର୍ମା ପୂଜା ତୃତୀୟ ସନ୍ଧ୍ୟା**

ପାରାଦୀପର ପ୍ରସିଦ୍ଧ ଗଣପର୍ବ ବିଶ୍ୱକର୍ମା ପୂଜା ବୁଧବାର ତୃତୀୟ ଦିନରେ ପହଞ୍ଚିଛି। ସକାଳୁ ରାତି ୮ଟା ପର୍ଯ୍ୟନ୍ତ ପୂଜା ମଣ୍ଡପ ଗୁଡ଼ିକରେ ଜନଗହଳି ବୃଦ୍ଧି ପାଇଥିଲା। ସନ୍ଧ୍ୟାରେ ପୂଜାର ଆକର୍ଷଣ ଜମି ଆସୁଥିଲା। ଉଜ୍ଜ୍ୱଳ ରଙ୍ଗିନ ଆଲୋକ ସହ ପ୍ରତି ତୋରଣ ସମ୍ମୁଖରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇ ଯାଇଥିଲା। ମାତ୍ର ରାତି ୮ରୁ୧୦ ଆରମ୍ଭ ହୋଇଗଲା ବିଜୁଳି ଘଡ଼ଘଡ଼ି ସହ ବର୍ଷା। ଫଳରେ ସବୁକିଛି ବିଗିଡ଼ି ଯାଇଥିଲା। ଦର୍ଶକ ଛିନ୍‌ଛତର ହୋଇଗଲେ। ଦୂର-ଦୂରାନ୍ତରୁ ଆସିଥିବାଲୋକେ ବର୍ଷାରେ ଭିଜୁଥିବା ଦେଖିବାକୁ ମିଳିଥିଲା। ବର୍ଷାରେ ଆଶ୍ରୟ ପାଇଁ କୌଣସି ବ୍ୟବସ୍ଥା ନ ଥିବାରୁ ଲୋକେ ଉଠାଦୋକାନ, ମଣ୍ଡପ ଭିତରେ ଖୁନ୍ଦାଖୁନ୍ଦି ହୋଇ ଆଶ୍ରୟ ନେଇଥିଲେ। ବର୍ଷାଠାରୁ ଘଡ଼ଘଡ଼ି ଭୟ ଥିବାରୁ ଲୋକେ ନିରାପଦ ଆଶ୍ରୟ ଖୋଜୁଥିଲେ। ଅନ୍ୟପକ୍ଷରେ ବୁଧବାର ପ୍ରଶାସନିକ ସ୍ତରରେ ୫ଜଣିଆ କମଟି ପୂଜା ମଣ୍ଡପଗୁଡ଼ିକୁ ସର୍ଭେ କରିବାର ଥିଲା। କେଉଁ ତୋରଣ, ଆଲୋକ ସଜ୍ଜା, ମୂର୍ତ୍ତି, ବାହ୍ୟ ସଜ୍ଜା, ଆଭ୍ୟନ୍ତରଣୀୟ ସାଜସଜା ଭଲ ହୋଇଛି ତାହା ଚୟନ କରିଥାନ୍ତେ। ଏହି କମିଟି ରାତି ୮ଟାରେ ଚୟନ କାମ ଆରମ୍ଭ କରିବାପରେ ବର୍ଷା ହେବାରୁ ତାହା ସ୍ଥଗିତ ରହିଥିଲା।



ବିଶ୍ୱକର୍ମା ପୂଜା ଉପଲକ୍ଷେ ପାରାଦୀପରେ ହୋଇଥିବା ସୁଦୃଶ୍ୟ ତୋରଣ ଓ ବାଲୁକା କଳା।




## ■ ଦୋକାନ ଗୃହ ପ୍ରଦାନ ଦାବି

# ତହସିଲଦାରଙ୍କ ପ୍ରତିଶ୍ରୁତି ପରେ ଅନଶନ ପ୍ରତ୍ୟାହୃତ

କୁଜଙ୍ଗ,୧୯।୯(ସ୍ୱ.ପ୍ର)

୮ଦିନ ଧରି ଉଚ୍ଛେଦ କ୍ଷୁଦ୍ର ବ୍ୟବସାୟୀ ସଂଘ ଚଳାଇଥିବା ଅନଶନ ବୁଧବାର ପ୍ରତ୍ୟାହୃତ ହୋଇଛି। ସନ୍ଧ୍ୟାରେ କୁଜଙ୍ଗ ତହସିଲଦାର ରମେଶ ଚନ୍ଦ୍ର ପଣ୍ଡା ଆନ୍ଦୋଳନକାରୀଙ୍କୁ ପଦକ୍ଷେପ ପାଇଁ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଛି। ଏହି ଅନଶନକୁ କଂଗ୍ରେସ ନେତା ଇଂ ପ୍ରମୋଦ କିଶୋର ଜେନାଙ୍କ ସହ ବଣିକ ସଂଘ ପ୍ରମୁଖ ସମର୍ଥନ ଜଣାଇଥିଲେ। ସୂଚନାଯୋଗ୍ୟ, କୁଜଙ୍ଗ ପରିବା ମାର୍କେଟରେ ବ୍ଲକ ପ୍ରଶାସନ ପକ୍ଷରୁ ୨୦୦୨ରେ ୧୯ ବଖରା ପରିବା ପିଣ୍ଡି ନିର୍ମାଣ କରାଯାଇଛି। ପ୍ରାରମ୍ଭରେ ଏହା କେବଳ ପିଣ୍ଡି ହୋଇଥିବାବେଳେ ଏବେ ପ୍ରଶାସନ ଏହାକୁ ନବୀକରଣ କରି ୧୦ ବଖରା ଦୋକାନ ଗୃହରେ ପରିଣତ କରିଛି। ଏହି ସ୍ଥାନରେ ୨୦୦୨ପୂର୍ବରୁ ୩୦ରୁ ଊର୍ଦ୍ଧ୍ୱ କ୍ଷୁଦ୍ର ଅସ୍ଥାୟୀ ବ୍ୟବସାୟୀ ବ୍ୟବସାୟ କରୁଥିଲେ। ସେମାନଙ୍କୁ ପିଣ୍ଡି ପ୍ରଦାନ କରିବାର ଲିଖିତ ପ୍ରତିଶ୍ରୁତି ଦେଇ ଉଚ୍ଛେଦ କରାଯାଇଥିଲା। ମାତ୍ର ଏହି ଗୃହକୁ ଏବେ ପ୍ରଭାବଶାଳୀଙ୍କୁ ବାଣ୍ଟିବା ମସୁଧା ହେଉଥିବା ଦର୍ଶାଇ ଗତ ୧୦ ତାରିଖରୁ ଗୃହ ପ୍ରଦାନ ଦାବିରେ ଉଚ୍ଛେଦ ବ୍ୟବସାୟୀଙ୍କ ପକ୍ଷରୁ ହୃଷୀକେଶ ନାଥ, ବାବାଜୀ ସେଠୀ ଓ ଅଭୟ ବାରିକ ପ୍ରମୁଖ ଆମରଣ ଅନଶନରେ ବସିଥିଲେ। ଏପରି କି ମଙ୍ଗଳବାର ରାତିରେ ସ୍ଥାନୀୟ ପ୍ରଶାସନ ପୋଲିସ ସହାୟ୍ୟରେ ଅନଶନକାରୀଙ୍କୁ ବଳ ପୂର୍ବକ ଉଠାଇ ନେଇ ମେଡିକାଲରେ ଭର୍ତ୍ତି କରିଥିଲା। ବୁଧବାର ଏହି ଘୋଷଣା ପରେ ଶ୍ରମିକ ନେତା ସୁବାସ ମହାପାତ୍ର ଓ ବିଷ୍ଣୁ ମୁଦୁଲି ପ୍ରମୁଖ ପ୍ରଶାସନକୁ ସାଧୁବାଦ ଜଣାଇଛନ୍ତି।

# ଗଛ ପଡ଼ି ଯୁବକଙ୍କ ମୃତ୍ୟୁ

କୁଜଙ୍ଗ,୧୯।୯(ସ୍ୱ.ପ୍ର.)

ଗଛପଡ଼ି କୁଜଙ୍ଗ ଥାନା ଅଧୀନ ଚଟୁଆ ପଞ୍ଚାୟତ ପୋଖରିଆପଡ଼ା ଗ୍ରାମର ଜଣେ ଯୁବକଙ୍କ ବୁଧବାର ମୃତ୍ୟୁ ଘଟିଛି। ମୃତ ଯୁବକ ହେଲେ ଗ୍ରାମର ସୁକାନ୍ତ ଦାସ(୪୩)। ସେ ସକାଳେ ନିଜ ବାଡ଼ିରେ ଗଛ କାଟୁଥିଲେ। ଏହି ସମୟରେ ଅସାବଧାନତାବଶତଃ ଏକ ଚାକୁଣ୍ଡା ଗଛ କାଟୁଥିବାବେଳେ ତାହା ତାଙ୍କ ଉପରେ ପଡ଼ି ଯାଇଥିଲା। ଫଳରେ ସେ ଘଟଣା ସ୍ଥଳରେ ଗୁରୁତର ହୋଇପଡ଼ିଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା କରାଯାଇଥିଲା। ଏହାର କିଛି ସମୟ ପରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ-ତଥାଗତ ସତପଥୀ



“ ମାନବ ଜନ୍ମ ଦୁର୍ଲ୍ଲଭ ଅଟେ। ନର କଳେବରଠାରୁ ଶ୍ରେଷ୍ଠ କଳେବର ଏ ସୃଷ୍ଟିରେ ଆଉ କିଛି ନାହିଁ। ଥରେ ଘଟ ଛୁଟିଲେ ଆଉ କ’ଣ ମିଳିବ?

- ମହାପୁରୁଷ ଅଚ୍ୟୁତାନନ୍ଦ

## ସଂକ୍ଷେପରେ

### ମହିଳାଙ୍କୁ ଆକ୍ରମଣ ଘଟଣାରେ ଯୁବକଙ୍କୁ ଜେଲ

**ରଣପୁର,୧୯।୯ (ସ୍ୱ.ପ୍ର.):** ରଣପୁର ଥାନା ସିନ୍ଦୂରିଆ ଗ୍ରାମରେ ଘର ମାଲିକାଣୀଙ୍କୁ ଆକ୍ରମଣ ଘଟଣାରେ ସମ୍ପୃକ୍ତ ଯୁବକ ନରେନ୍ଦ୍ର ସାହୁ (୪୨)ଙ୍କୁ ପୋଲିସ ଗିରଫ କରି ବୁଧବାର ନୟାଗଡ଼ କୋର୍ଟ ଚାଲାଣ କରିଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରଣପୁର ଉପ କାରାଗାରକୁ ପଠାଇ ଦିଆଯାଇଛି। ପ୍ରକାଶ ଯେ, ସିନ୍ଦୂରିଆ ଗ୍ରାମର ବିରଞ୍ଚି ବେହେରାଙ୍କ ଏକ ଘରକୁ ଓଡପଲ୍ଲୀ ଗ୍ରାମର ନରେନ୍ଦ୍ର ସାହୁ ଏକବର୍ଷ ହେବ ଭଡା ସୂତ୍ରରେ ନେଇଥିଲେ। ଘରେ ଚଳିବା ଅସୁବିଧା ହେବାରୁ ବିରଞ୍ଚି ଓ ତାଙ୍କ ସ୍ତ୍ରୀ ଚଞ୍ଚଳା ବେହେରା ନରେନ୍ଦ୍ରଙ୍କୁ ଘର ଛାଡିବା ପାଇଁ ବାରମ୍ବାର କହିଆସୁଥିଲେ। ଏହି ମାମଲା ଥାନା ପର୍ଯ୍ୟନ୍ତ ମଧ ଯାଇଥିଲା। ପୋଲିସ ଭଡାଘର ଛାଡିବାକୁ ନରେନ୍ଦ୍ରଙ୍କୁ ତାଗିଦ କରିଥିଲା। ଏହା ସତ୍ତ୍ୱେ ସେ ଘର ଛାଡି ନ ଥିଲେ। ମଙ୍ଗଳବାର ଚଞ୍ଚଳା ଓ ବିରଞ୍ଚି ଏ ନେଇ ନରେନ୍ଦ୍ରଙ୍କୁ କହିବାରୁ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଉତ୍ତ୍ୟକ୍ତ ହୋଇ ନରେନ୍ଦ୍ର ଏକ ଧାରୁଆ ଅସ୍ତ୍ରରେ ଚଞ୍ଚଳାଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ତାଙ୍କୁ ଗୁରୁତର ଅବସ୍ଥାରେ ସ୍ଥାନୀୟ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ବିରଞ୍ଚିଙ୍କ ଅଭିଯୋଗକ୍ରମେ ରଣପୁର ପୋଲିସ ୧୯୧/୧୮ ଏସ୍‌ସିଏସ୍‌ଟି ଆକ୍ଟରେ ମାମଲା ରୁଜୁକରି ନରେନ୍ଦ୍ରଙ୍କୁ ଗିରଫ କରିଥିଲା।

### ପୋଖରୀରେ ବୁଡ଼ି ଛାତ୍ରୀ ମୃତ

**ଦଶପଲ୍ଲା,୧୯।୯ (ଡି.ଏନ.ଏ.):** ଦଶପଲ୍ଲା ଥାନା ଅଭୟପୁର ଗ୍ରାମରେ ବୁଧବାର ପୋଖରୀରେ ବୁଡ଼ି ଜଣେ ଛାତ୍ରୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ ନନ୍ଦିନୀ ଖିଲାର (୫)। ନନ୍ଦିନୀ ୨ମାସ ହେଲା ମାଆଙ୍କ ସହିତ ଆସି ଅଜାଘର କାଳିଆ ନାୟକଙ୍କ ଘରେ ରହୁଥିଲେ। ବୁଧବାର ଅପରାହ୍ନ ପ୍ରାୟ ୫ଟାରେ ସେ ପୋଖରୀକୁ ପୋଷାକ ସଫା କରିବା ପାଇଁ ଯାଇଥିଲେ। ଫେରିବା ବିଳମ୍ବ ହେବାରୁ ମାଆ ଯାଇ ଦେଖିବା ବେଳକୁ ନନ୍ଦିନୀ ପାଣିରେ ଭାସୁଥିଲେ। ତାଙ୍କୁ ଉଦ୍ଧାର କରି ଦଶପଲ୍ଲା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ମୃତ ଘୋଷଣା କରିଛନ୍ତି। ପୋଲିସ ପହଞ୍ଚି ମୃତଦେହ ଜବତ କରିଛି। ରାତି ହୋଇଯିବାରୁ ମୃତଦେହ ବ୍ୟବଚ୍ଛେଦ ହୋଇପାରି ନାହିଁ।

### ଏମ୍‌ଭିଆଇଙ୍କ ଦ୍ୱାରା ଯାନବାହନ ଯାଞ୍ଚ

**ଭାପୁର,୧୯।୯(ଡି.ଏନ.ଏ.):** ନୟାଗଡ଼ ଜୁନିୟର୍ ଏମ୍‌ଭିଆଇ ପି.ଦୁର୍ଗା ପ୍ରସାଦ ରାଓ ବିଭିନ୍ନ ଗାଡ଼ିମୋଟର ଯାଞ୍ଚ କରିଛନ୍ତି। ବୁଧବାର ଭାପୁର ବ୍ଲକର ବିଭିନ୍ନ ସ୍ଥାନରେ ଗାଡ଼ିମୋଟର ଯାଞ୍ଚ କରି ସେ ୨୫ ହଜାର ଟଙ୍କାର ଭିସିଆର୍ କାଟିଛନ୍ତି। ବିନା କାଗଜପତ୍ରରେ ଗାଡ଼ି ଚଲାଇବା, ଅଟୋରେ ସ୍କୁଲ୍ ଛାତ୍ରୀଛାତ୍ରଙ୍କୁ ନେବା ଆଣିବା କରିବା ଓ ମଦ ପିଇ ଗାଡ଼ି ଚଲାଇବା ଅଭିଯୋଗରେ ଏହି ଜରିମାନା ଆଦାୟ ହୋଇଛି। ୩ ମିନି ଟ୍ରକ୍, ୨ ମ୍ୟାଜିକ୍ ଭ୍ୟାନ୍, ଗୋଟିଏ ପିକ୍‌ଅପ୍ ଭ୍ୟାନ୍ ଓ ୩ ଅଟୋ ଜବତ ହୋଇଥିବା କନିଷ୍ଠ ଯାଞ୍ଚ ଅଧିକାରଙ୍କ ଠାରୁ ପ୍ରକାଶ।

### ୱାର୍ଡ ମେମ୍ବରଙ୍କ ପରଲୋକ

**ଭାପୁର,୧୯।୯(ଡି.ଏନ.ଏ.):** ଭାପୁର ବ୍ଲକ ବାଘୁଆପଲ୍ଲୀ ପଞ୍ଚାୟତର ୱାର୍ଡମେମ୍ବର ଧ୍ରୁବ ଚରଣ ବେହେରା(୭୩)ଙ୍କ ଭୁବନେଶ୍ୱର ଏମ୍‌ସ ହସ୍ପିଟାଲ୍‌ରେ ବୁଧବାର ପରଲୋକ ଘଟିଛି। ସେ ୭ ନମ୍ବର ୱାର୍ଡ ସଭ୍ୟ ଥିଲେ। ସ୍ୱର୍ଗତ ବେହେରା ଦୀର୍ଘଦିନ ଧରି ମଳକଣ୍ଟକ ରୋଗରେ ଆକ୍ରାନ୍ତ ହୋଇଥିବା ବେଳେ ଚିକିତ୍ସିତ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ପଞ୍ଚାୟତ କାର୍ଯ୍ୟାଳୟରେ ତାଙ୍କ ମରଶରୀର ଶେଷଦର୍ଶନ ପରେ ଅନ୍ତିମ ସତ୍କାର କରାଯାଇଛି।

# ଚିକେନ୍ ସେଣ୍ଟର ଉପରେ ମାଡ଼ିଗଲା କୋର୍ଟ ଭ୍ୟାନ୍

**ନୟାଗଡ଼ ଅଫିସ,୧୯।୯**



ଚିକେନ୍ ସେଣ୍ଟରର କ୍ୟାବିନ୍ ଭାଙ୍ଗିପଡ଼ିଛି।




ଘଟଣାସ୍ଥଳରେ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଛି।

- ଗାଡ଼ି ତଳେ ଫସିରହିଲେ ନାବାଳକ ସମେତ ୪ଜଣ
- ସ୍ଥାନୀୟ ଲୋକଙ୍କ ଦ୍ୱାରା ଉଦ୍ଧାର
- ଚାଳକ ମଦ୍ୟପାନ କରିଥିବା ଅଭିଯୋଗ

ନୟାଗଡ଼ ସହରର କଲେଜ ରୋଡ଼ସ୍ଥିତ ଗଡ଼ାଣିଠାରେ ଥିବା ଏକ ଚିକେନ୍ ସେଣ୍ଟର ଉପରକୁ ବୁଧବାର ସନ୍ଧ୍ୟାରେ ପୋଲିସ କୋର୍ଟ ଭ୍ୟାନ ମାଡିଯାଇଥିଲା। ସୌଭାଗ୍ୟବଶତଃ ସେଠାରେ କାମ କରୁଥିବା ୪ଜଣ ବ୍ୟକ୍ତି ଗାଡ଼ିତଳେ ପଡ଼ିଯାଇ ଅଳ୍ପକେ ବର୍ତ୍ତିଯାଇଛନ୍ତି। ସେମାନଙ୍କ ମଧ୍ୟରେ ଜଣେ ନାବାଳକ ଅଛନ୍ତି। ସେ ହେଲେ ମାଣିକଗଡ଼ାର ଅବଦୁଲ୍ ରଜାକ୍। ଅନ୍ୟମାନେ ହେଲେ ଅବଦୁଲ୍ ରହମାନ୍, ଲେଖନପୁର ଗ୍ରାମର ପ୍ରଶାନ୍ତ ନାଏକ ଓ ମାଛିପଡ଼ା ଗ୍ରାମର ସାବନ ଖାଁ।

ପ୍ରକାଶ ଯେ, ମାଛିପଡ଼ା ଗ୍ରାମର ସାବନ ଗଡ଼ାଣିଠାରେ ଏକ ଚିକେନ୍ ସେଣ୍ଟର କରିଥିଲେ। ସାବନଙ୍କ କହିବାନୁସାରେ ସନ୍ଧ୍ୟା ୫ଟା ୪୫ ମିନିଟ ସମୟରେ ଗଡ଼ାଣିରୁ କୋର୍ଟ ଭ୍ୟାନ୍ (ଓଡି୦୫ଟି–୭୩୩୧) ଆସି ସିଧାସଳଖ ତାଙ୍କ କ୍ୟାବିନ୍‌କୁ ଧକ୍କା ଦେଇଥିଲା। ଏହି ସମୟରେ ତାଙ୍କ ସମେତ ସେଠାରେ କାମ କରୁଥିବା ୪ଜଣ ଗାଡ଼ି ତଳେ ଫସି ରହିଥିଲେ। ପରେ ସ୍ଥାନୀୟ ଲୋକେ ପହଞ୍ଚି ସେମାନଙ୍କୁ ଗାଡ଼ି ତଳୁ ଉଦ୍ଧାର କରିଥିଲେ। ଗାଡ଼ି ଚଳାଉଥିବା ବ୍ୟକ୍ତି ମଦ୍ୟପାନ କରି ନିଶାଗ୍ରସ୍ତ ଅବସ୍ଥାରେ ଥିବାରୁ ଏଭଳି କାଣ୍ଡ ଘଟିଥିବା ସାବନ କହିଛନ୍ତି। ଏଥିରେ ୪ଜଣ ଯାକ ସାମାନ୍ୟ ଆହତ ହୋଇଥିବା ଜଣାପଡ଼ିଛି। ସେହିଭଳି ଦୋକାନ୍‌ରେ ଥିବା ଏକାଧିକ କୁକୁଡାଙ୍କର ମଧ ମୃତ୍ୟୁ ଘଟିଛି। ସୂଚନାଯୋଗ୍ୟ, ଏହି ଭ୍ୟାନଟି ବୁଧବାର କିଛି କଏଦୀଙ୍କୁ କୋର୍ଟ ନେଇଥିଲା। ସେଠାରେ ଶୁଣାଣି ପରେ କଏଦୀମାନଙ୍କୁ କୋର୍ଟରେ ଛାଡ଼ି ପୋଲିସ ରିଜର୍ଭ ପଡ଼ିଆକୁ ଭ୍ୟାନଟି ଯାଉଥିବା ବେଳେ କଲେଜ ରୋଡ଼ ଗଡାଣିଠାରେ ଏହି ଅଘଟଣ ଘଟିଥିଲା। ଏହି ଘଟଣା ପରେ କିଛି ସମୟ ପାଇଁ ସେଠାରେ ଲୋକମାନେ ଚାଳକଙ୍କୁ ଅଟକାଇ ପଚାରାଉଚରା କରିଥିଲେ। ସେ ମଦ୍ୟପାନ କରିଛନ୍ତି କି ନାହିଁ ତାହା ପରୀକ୍ଷା କରିବାକୁ ମଧ କହିଥିଲେ। ହେଲେ ସେଠାରେ ଉପସ୍ଥିତ ଥିବା ପୋଲିସ କର୍ମଚାରୀ ଏହି କଥାକୁ ଅଗ୍ରାହ୍ୟ କରି ଦେଇଥିଲେ। ଏହାର ସୁଯୋଗ ନେଇ ଚାଳକ ସେଠାରୁ ଖସି ପଳାଇଥିଲେ। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଇଥିଲା। ଅନ୍ୟପଟେ ଡ୍ରାଇଭରଙ୍କ ବଦଳରେ ଅନ୍ୟଜଣେ ଭ୍ୟାନ୍ ଚଳାଉଥିବାରୁ ଭାରସାମ୍ୟ ହରାଇ ଏହି ଦୁର୍ଘଟଣା ଘଟିଥିବା ଆଲୋଚନା ହେଉଛି। ଘଟଣାସ୍ଥଳରେ ଅଗ୍ନିଶମ ଅଧିକାରୀ ଓ ଟାଉନ ପୋଲିସ ପହଞ୍ଚି ଭ୍ୟାନ୍‌ଟିକୁ ଉଦ୍ଧାର କରିଥିଲେ। ରିପୋର୍ଟ ଲେଖାହେବା ବେଳକୁ ଏ ନେଇ ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବାବେଳେ ଆପୋସ ସମାଧାନ ପାଇଁ ଆଲୋଚନା କରାଯାଉଥିବା ଜଣାପଡ଼ିଛି।

## ଶିକ୍ଷକ, କର୍ମଚାରୀ ମିଳିତ ମଞ୍ଚର ପଦଯାତ୍ରା

**ଦଶପଲ୍ଲା,୧୯।୯ (ଡି.ଏନ.ଏ.)**

ଦଶପଲ୍ଲା ବ୍ଲକ ସ୍କୁଲ କଲେଜ ଶିକ୍ଷକ କର୍ମଚାରୀ ମିଳିତ ମଞ୍ଚ ତରଫରୁ ବୁଧବାର ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ବ୍ଲକଗ୍ରାଣ୍ଟ ୮ ଉଚ୍ଚ ବିଦ୍ୟାଳୟ ଓ ୩ ମହାବିଦ୍ୟାଳୟର ଶତାଧିକ ଶିକ୍ଷକ ଅଧ୍ୟାପକ କର୍ମଚାରୀ ଭୋଗବାଡ଼ି ପଞ୍ଚାୟତର ବିଭିନ୍ନ ଗ୍ରାମ ପରିକ୍ରମା କରି ପରଶୁ ଚିନ୍ତାମଣି ଉଚ୍ଚ ବିଦ୍ୟାଳୟ ପରିସରରେ ଏକ ସାଧାରଣ ସଭାରେ ଯୋଗଦେଇଥିଲେ।ସ୍ଥାନୀୟ ସରପଞ୍ଚ, ସମିତିସଭ୍ୟ, ପରିଚାଳନା କମିଟି ସଭ୍ୟ, ପୁରାତନ ଛାତ୍ରୀଛାତ୍ର ଓ ଜନସାଧାରଣ ଏଥିରେ ଯୋଗଦେଇଥିଲେ। ଶରତ ଚନ୍ଦ୍ର ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଓଷ୍ଟାର ସମ୍ପାଦକ ଅକ୍ରୂର ପରିଡ଼ା ସମସ୍ତଙ୍କୁ ସ୍ୱାଗତ କରି ଶିକ୍ଷାନୁଷ୍ଠାନକୁ ବଞ୍ଚାଇବା ପାଇଁ ଜନସାଧାରଣଙ୍କ ସହଯୋଗ କାମନା କରିଥିଲେ । ଅନ୍ୟତମ ଆବାହକ ପୂର୍ଣ୍ଣମାସୀ ଦେବୀ, ହୃଷୀକେଶ ବାରିକ, ବିଷ୍ଣୁ ନାରାୟଣ ଷଡ଼ଙ୍ଗୀ ପ୍ରମୁଖ ବ୍ଲକଗ୍ରାଣ୍ଟ ସ୍କୁଲ କଲେଜର ଶିକ୍ଷକ, ଅଧ୍ୟାପକଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବର କଟୁ ସମାଲୋଚନା କରିଥିଲେ।

# ବ୍ୟାଙ୍କ କର୍ମଚାରୀଙ୍କ ସହ ଜିଲା ପୋଲିସର ବୈଠକ




ବୈଠକରେ ଏସ୍‌ପିଙ୍କ ସମେତ ବ୍ୟାଙ୍କ ମ୍ୟାନେଜର ଓ କର୍ମଚାରୀମାନେ।

**ନୟାଗଡ଼ ଅଫିସ,୧୯।୯**

ନୟାଗଡ଼ ଏସ୍‌ପିଙ୍କ ସମ୍ମିଳନୀ କକ୍ଷରେ ବୁଧବାର ବ୍ୟାଙ୍କ୍ କର୍ମଚାରୀମାନଙ୍କ ସହିତ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏସ୍‌ପି ଶଶିଭୂଷଣ ଶତପଥୀ ଆଗକୁ ପାର୍ବଣ ଋତୁ ଆସୁଥିବାରୁ ବ୍ୟାଙ୍କର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ନିର୍ଦ୍ଦେଶ ଦେଇଥିଲେ। ସେ ସମୟରେ ବ୍ୟାଙ୍କ୍‌ରେ ପଶି ଦୁର୍ବୃତ୍ତମାନେ କାଣ୍ଡ ଘଟାଇ ପାରନ୍ତି। ତେଣୁ ଏହାକୁ ଦୃଷ୍ଟିରେ ରଖି ବ୍ୟାଙ୍କ୍‌ରେ ଥିବା ସିକ୍ୟୁରିଟି ବ୍ୟବସ୍ଥାକୁ କଡ଼ାକଡ଼ି କରିବା, ବ୍ୟାଙ୍କରେ ଉନ୍ନତମାନର ସିସିଟିଭି ଲଗାଇବାକୁ ପରାମର୍ଶ ଦେଇଥିଲେ। ସେହିଭଳି ବ୍ୟାଙ୍କ୍‌ରେ ଥିବା ସିକ୍ୟୁରିଟି କର୍ମଚାରୀଙ୍କୁ ଅନ୍ୟାନ୍ୟ କାମରେ ନିୟୋଜିତ କରାଯାଉଥିବା ବେଳେ ଦୁର୍ବୃତ୍ତମାନେ ଏହାର ଫାଇଦା ନେଇ ଲୁଟ୍‌ତରାଜ କରିଥାନ୍ତି।ତେଣୁ ସିକ୍ୟୁରିଟିମାନେ ସୁରକ୍ଷା ବ୍ୟବସ୍ଥା ଛଡ଼ା ଯେପରି ଅନ୍ୟାନ୍ୟ କୌଣସି କାମ ନ କରିବେ ସେଥିପ୍ରତି ବ୍ୟାଙ୍କ୍ ମ୍ୟାନେଜରମାନେ ଧ୍ୟାନ ଦେବା ପାଇଁ କୁହାଯାଇଥିଲା। ଏଥିରେ ନୟାଗଡ଼ ଟାଉନ, ସଦର, ଶରଣକୁଳ ଓ ଇଟାମାଟି ଥାନା ଅଞ୍ଚଳରେ ଥିବା ୨୫ଟି ବ୍ୟାଙ୍କର ମ୍ୟାନେଜର ଓ କର୍ମଚାରୀମାନେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଟାଉନ ଥାନା ଅଧିକାରୀ ରଶ୍ମିରଞ୍ଜନ ପଟ୍ଟନାୟକ, ଇଟାମାଟି ଥାନା ଅଧିକାରୀ ସରୋଜ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଓଡ଼ଗାଁରେ ଭସାଣି ବେଳେ ଗର୍ଜିଲା ଡିଜେ

**ଓଡ଼ଗାଁ,୧୯।୯(ସ୍ୱ.ପ୍ର.)**

ପାର୍ବଣ ଋତୁ ଆରମ୍ଭ ହୋଇଥିବା ବେଳେ ପ୍ରଥମେ ଗଣେଶ ପୂଜା ଓ ବିଶ୍ୱକର୍ମା ପୂଜା ସରିଛି। ମଙ୍ଗଳବାର ଓ ବୁଧବାର ୨ଦିନ ଧରି ଓଡ଼ଗାଁରେ ମେଢ଼ ଭସାଣି ଚାଲିଛି। ଏଥିନିମନ୍ତେ ଆୟୋଜକଙ୍କ ଦ୍ୱାରା ବ୍ୟାପକ ପ୍ରସ୍ତୁତି ଅବସରରେ ଶୋଭାଯାତ୍ରା ସହ ଅତ୍ୟାଧୁନିକ ଡିଜେ ବାଜା ଓ ଆଧୁନିକ ସଙ୍ଗୀତ ପ୍ରତିଯୋଗିତାମୂଳକ ଭାବେ ବାଜିବାରେ ଲାଗିଛି। ତେବେ ଲଗାମହୀନ ଡିଜେର ଗର୍ଜନ ସଂଖ୍ୟାଧିକ ଲୋକଙ୍କୁ ଅତିଷ୍ଠ କରିଛି । ଶବ୍ଦ ପ୍ରଦୂଷଣ ବୃଦ୍ଧି କରୁଥିବା ଡିଜେ ବାଜା ସ୍ଥାନୀୟ ବଜାର ଓ ସାହି ପରିକ୍ରମା କରୁଥିଲା। କିନ୍ତୁ ଏ ସମୟରେ ମୁଖ୍ୟଛକରେ ଥିବା ଡାକ୍ତରଖାନାର ରୋଗୀଙ୍କ ସ୍ୱାସ୍ଥ୍ୟ ପ୍ରତି, ସ୍କୁଲ ଓ ହଷ୍ଟେଲରେ ପଢୁଥିବା ଛାତ୍ରୀଛାତ୍ରଙ୍କ ପାଠପଢ଼ା ପ୍ରତି ଆଦୌ ଧ୍ୟାନ ଦିଆଯାଉ ନ ଥିବା ଅଭିଯୋଗ ହୋଇଛି। ମନେହେଉଛି ପରିସ୍ଥିତିକୁ ସମ୍ଭାଳିବା ନେଇ ପୋଲିସ ଏକ ପ୍ରକାର ଅସହାୟ ହୋଇପଡ଼ିଛନ୍ତି। ସ୍ଥାନୀୟ ଲୋକଙ୍କ ମତରେ ଆଗକୁ ନିର୍ବାଚନ ଥିବାରୁ ଏଭଳି କାର୍ଯ୍ୟକ୍ରମ ନିମନ୍ତେ ସ୍ଥାନୀୟ ନେତାମାନଙ୍କ ପ୍ରଭାବ ମଧ ବେଶ୍ ରହିଛି। ଦୁର୍ଗାପୂଜା, କାର୍ତ୍ତିକ ପୂଜା, ଲକ୍ଷ୍ମୀପୂଜା ଆଦି ନିମନ୍ତେ ବ୍ୟାପକ ଆୟୋଜନ ଚାଲିଛି। ପୋଲିସ ଓ ପ୍ରଶାସନ ଏଭଳି ପରିସ୍ଥିତିକୁ ଦୃଷ୍ଟିରେ ରଖି କଡ଼ା ପଦକ୍ଷେପ ଗ୍ରହଣ କରିବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ତେଣୁ ପୂଜାକମିଟି ଓ ବଜାରକମିଟି ଆଗୁଆ ପ୍ରଶାସନିକ ଓ ପୋଲିସ ଅନୁମତି ଆଣିବା ଜରୁରୀ ବୋଲି ମତ ପ୍ରକାଶ ପାଇଛି।



ମେଢ ଭସାଣି ଶୋଭାଯାତ୍ରା।

## ୯୦୦ ଲିଟର ପୋଚ ନଷ୍ଟ, ଦେଶୀମଦ ଜବତ, ଜଣେ ଗିରଫ

**ରଣପୁର,୧୯।୯ (ସ୍ୱ.ପ୍ର.)**



ଜବତ ଦେଶୀ ମଦ।

ବୁଧବାର ନୟାଗଡ଼ ଅବକାରୀ ବିଭାଗ ରଣପୁର ଅଞ୍ଚଳରେ ଚଢାଉ କରି ଦେଶୀମଦ ଜବତ କରିବା ସହ ଏଥିରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିଛି। ରଣପୁର ଅଞ୍ଚଳର ବିଭିନ୍ନ ଜଙ୍ଗଲରେ ବେଆଇନ ଭାବେ ଦେଶୀମଦ ରନ୍ଧାଯାଇ ବାହାରକୁ ଚାଲାଣ କରାଯାଉଥିବା ଅଭିଯୋଗ ହୋଇଆସୁଛି। ଏପରିସ୍ଥଳେ ନୟାଗଡଠାରେ ଅବସ୍ଥାପିତ ଅବକାରୀ ବିଭାଗର ଡେପୁଟି ସୁପରିଣ୍ଟେଣ୍ଡେଣ୍ଟ ଅମରେନ୍ଦ୍ର ଯେନା, ଅବକାରୀ ଇନ୍‌ସପେକ୍ଟର ମୃତ୍ୟୁଞ୍ଜୟ ବେହେରା, ରଣପୁର ଅବକାରୀ ଅଧିକାରୀ କୁମର ଚନ୍ଦ୍ର ପଟ୍ଟନାୟକ ଓ କର୍ମଚାରୀ ବୁଧବାର ମିଳିତ ଭାବେ ବିଭିନ୍ନ ସ୍ଥାନରେ ଚଢାଉ କରିଥିଲେ। ସୁରୁକାବାଡି କାସନ୍ଧା ଜଙ୍ଗଲରେ ମଦଭାଟି ଚାଲୁଥିବା ଖବର ପାଇ ସେଠାରେ ପହଞ୍ଚିଥିଲେ। ଏ ସମ୍ପର୍କରେ ଜାଣିପାରି ମଦ ବେପରୀମାନେ ସେଠାରୁ ଫେରାର ହୋଇଯାଇଥିଲେ। ସେଠାରେ ଥିବା ୯୦୦ ଲିଟର ପୋଚ ନଷ୍ଟ କରିବା ସହ ମଦରନ୍ଧା ସରଞ୍ଜାମ ଜବତ କରି କାର୍ଯ୍ୟାଳୟକୁ ଆଣିଥିଲେ। ପରେ ସେମାନେ ଚାନ୍ଦପୁର ଡାକ୍ତରଖାନା ଆଗରେ ଏକ ଜରି ବ୍ୟାଗରେ ରଖି ଦେଶୀମଦ ବିକୁଥିବା କନ୍ଧନୟାଗଡ ଗ୍ରାମର ମାନସ ପରିଡା(୧୯)ଙ୍କୁ ଗିରଫ କରି ତାଙ୍କଠାରୁ ୩୧ଟି ଦେଶୀମଦ ବୋତଲ ଜବତ କରିଥିଲେ। ଏ ନେଇ ଅବକାରୀ କାର୍ଯ୍ୟାଳୟରେ ଏକ ମାମଲା (ନଂ.୩୫/୧୮–୧୯) ରୁଜୁ କରାଯାଇ ମାନସଙ୍କୁ ରଣପୁର କୋର୍ଟ ଚାଲାଣ କରାଯାଇଥିଲା। ସେଠାରେ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ରଣପୁର ଉପକାରାଗାରକୁ ପଠାଇ ଦିଆଯାଇଛି ।

### ବୋଦସାରେ ସବର୍ଣ୍ଣ-ଅସବର୍ଣ୍ଣ ବିବାଦ ମାମଲା

# ଜଣେ ଗିରଫ, ୪ ଫେରାର

**ଖଣ୍ଡପଡା,୧୯।୯(ସ୍ୱ.ପ୍ର.)**

ଖଣ୍ଡପଡା ଥାନା ଅନ୍ତର୍ଗତ ବୋଦସା ଗ୍ରାମରେ ମଙ୍ଗଳବାର ସବର୍ଣ୍ଣ ଓ ଅସବର୍ଣ୍ଣ ଗୋଷ୍ଠୀ ମଧ୍ୟରେ ବିବାଦର ସୂତ୍ରପାତ ହୋଇଥିଲା। ଅସବର୍ଣ୍ଣ ଗୋଷ୍ଠୀର ୫ ଜଣଙ୍କ ଆକ୍ରମଣରେ ଯଜ୍ଞେଶ୍ୱର ଖୁଣ୍ଟିଆ ଗୁରୁତର ଆହତ ହୋଇଥିଲେ। ଯଜ୍ଞେଶ୍ୱରଙ୍କ ପିତା ସନାତନ ଖୁଣ୍ଟିଆ ଏ ନେଇ ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୋଲିସ ସମ୍ପୃକ୍ତ ୫ ଜଣଙ୍କ ନାମରେ ବିଭିନ୍ନ ଦଫାରେ ମାମଲା ରୁଜୁ କରିଥିଲା। ଘଟଣାର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ପରମାନନ୍ଦ ନାଏକଙ୍କୁ ପୋଲିସ ବୁଧବାର ସ୍ଥାନୀୟ ଅଞ୍ଚଳରୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଖଣ୍ଡପଡା କୋର୍ଟରେ ଜାମିନ୍ ନାମଞ୍ଜୁର ହେବାରୁ ତାଙ୍କୁ ଖଣ୍ଡପଡା ସବ୍‌ଜେଲକୁ ପଠାଇ ଦିଆଯାଇଛି। ଗିରଫ ଭୟରେ ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ୪ ଅଭିଯୁକ୍ତ ଗାଁ ଛାଡି ଫେରାର ହୋଇଯାଇଥିବା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି। ସେମାନଙ୍କୁ ଗିରଫ କରିବା ନିମନ୍ତେ ପୋଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଥିବା ଥାନା ସୂତ୍ରରୁ ଜଣାପଡିଛି। ଏହି ଘଟଣାକୁ ନେଇ ବୋଦସା ଗ୍ରାମରେ ଉତ୍ତେଜନା ଲାଗିରହିଛି। ସବର୍ଣ୍ଣ ଗୋଷ୍ଠୀର ଏକ ପ୍ରତିନିଧି ଦଳ ବୁଧବାର ନୟାଗଡ ଜିଲାପାଳ ଓ ଏସ୍‌ପିଙ୍କୁ ଭେଟି ଏ ସମ୍ପର୍କିତ ଦାବିପତ୍ର ପ୍ରଦାନ କରିଥିବା ଗ୍ରାମବାସୀଙ୍କ ସୂତ୍ରରୁ ଜଣାପଡିଛି।

## ଦୁର୍ଗାପୂଜା ପ୍ରସ୍ତୁତି ବୈଠକ

**ଖଣ୍ଡପଡା,୧୯।୯(ସ୍ୱ.ପ୍ର.)**

ଦୁର୍ଗାପୂଜା ଉପଲକ୍ଷେ ବୁଧବାର ଏକ ପ୍ରସ୍ତୁତି ବୈଠକ ଖଣ୍ଡପଡା ବ୍ଲକ ଅନ୍ତର୍ଗତ ଖଳିସାହି ଦୁର୍ଗାବଜାର ଓ ଲକ୍ଷ୍ମୀବଜାର ଦୁର୍ଗାପୂଜା କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି। ଦୁର୍ଗାବଜାର ପୂଜା କମିଟି ସଭାପତି ସୁଦର୍ଶନ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ଏ ନେଇ ଆଲୋଚନା ହୋଇଥିଲା। ଅନୁରୂପ ଭାବେ ଲକ୍ଷ୍ମୀବଜାର ଦୁର୍ଗାପୂଜା କମିଟି ସଭାପତି ଶରତ କୁମାର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ କମିଟିର ସମ୍ପାଦକ ପ୍ରଦୀପ କୁମାର ସାହୁ, କୋଷାଧ୍ୟକ୍ଷ ଅଜୟ କୁମାର ସାଥୁଆଙ୍କ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ସୁଚିନ୍ତିତ ମତାମତ ପ୍ରଦାନ କରିଥିଲେ। ଚଳିତବର୍ଷ ଦୁର୍ଗାପୂଜା ଶାନ୍ତିଶୃଙ୍ଖଳାର ସହ ପୂଜା ଉତ୍ସବ ପାଳନ ସହ ବିଭିନ୍ନ ଦିନରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ପ୍ରସ୍ତୁତି ବୈଠକରେ ନିଷ୍ପତ୍ତି ନିଆଯାଇଥିବା ଜଣାଯାଇଛି।

# ସଂରକ୍ଷଣ ବିରୋଧରେ ବ୍ରାହ୍ମଣ ସମାଜର ବିକ୍ଷୋଭ

**ଦଶପଲ୍ଲା,୧୯।୯ (ଡି.ଏନ.ଏ.)**

ସଂରକ୍ଷଣ ବିରୋଧରେ ବୁଧବାର ଗଡଜାତ ବ୍ରାହ୍ମଣ ମହାସଭା ଦଶପଲ୍ଲା ଓ ଗଣିଆ ତରଫରୁ ବିକ୍ଷୋଭ ସମାବେଶ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମହାବୀର ମନ୍ଦିରଠାରେ ବ୍ରାହ୍ମଣ ସମାଜର ସଦସ୍ୟମାନେ ଏକତ୍ରିତ ହୋଇ ଶୋଭାଯାତ୍ରାରେ ନଗର ପରିକ୍ରମା କରିବା ସହ ଦଶପଲ୍ଲା ତହସିଲ ଅଫିସ ପର୍ଯ୍ୟନ୍ତ ଅସିଥିଲେ। ସେଠାରେ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ସ୍ଥାନୀୟ ତହସିଲଦାରଙ୍କୁ ପ୍ରଦାନ କରିଥିଲେ। ଆୟୋଜିତ ସଭାରେ ଜାତିଭିତ୍ତିକ ସଂରକ୍ଷଣ ବିରୋଧରେ ବହୁ ବକ୍ତା ଉଦ୍‌ବୋଧନ ଦେଇଥିଲେ। ସ୍ୱାଧୀନତା ପ୍ରାପ୍ତି ପରେ ଆଦିବାସୀ ଓ ହରିଜନମାନଙ୍କୁ ୧୦ବର୍ଷ ନିମନ୍ତେ ସଂରକ୍ଷଣ ସୁବିଧା ଯୋଗାଇଦେବାକୁ ନୀତି ନିର୍ଦ୍ଧାରଣ ହୋଇଥିଲେ ସୁଦ୍ଧା ରାଜନେତାମାନେ ନିଜର ସ୍ଥିତି ସୁଦୃଢ଼ କରିବା ପାଇଁ ଏହି ବୟସ ସୀମାକୁ ବାରମ୍ବାର ବଢାଇ ଚାଲିଛନ୍ତି। ସଂରକ୍ଷଣକୁ ଅସ୍ତ୍ର କରି କେବଳ ରାଜନୀତି ଚାଲିଛି। ସମସ୍ତେ ସଂରକ୍ଷଣ ନୀତିକୁ ବିରୋଧ କରି ଏଭଳି ବ୍ୟାଧିକୁ ସମାଜରୁ ଦୂର କରନ୍ତୁ ବୋଲି ଆହ୍ୱାନ ଦିଆଯାଇଥିଲା। ଏଥିରେ ଦଶପଲ୍ଲା ଓ ଗଣିଆ ଗଡଜାତ ବ୍ରାହ୍ମଣ ସମାଜର ଶତାଧିକ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ।




ବ୍ରାହ୍ମଣ ସମାଜର ଶୋଭାଯାତ୍ରା।

# ସହାୟତା ରାଶି ପାଇଲେ ୪୬୯ ନିର୍ମାଣ ଶ୍ରମିକ

**ନୟାଗଡ଼ ଅଫିସ,୧୯।୯**




ବିଧାୟକ ଜଣେ ହିତାଧିକାରୀଙ୍କୁ ସହାୟତା ରାଶିର ଚେକ୍ ପ୍ରଦାନ କରୁଛନ୍ତି।

- ଦଲାଲ୍‌ଙ୍କ ସାହାଯ୍ୟ ନ ନେଇ ସିଧାସଳଖ ଆବେଦନ କରିବାକୁ ପରାମର୍ଶ
- ଜିଲାରେ ୨୭ ହଜାର ନିର୍ମାଣ ଶ୍ରମିକଙ୍କୁ ମିଳିଛି ସହାୟତା ରାଶି

ନୟାଗଡ଼ ସହରସ୍ଥିତ ପଠାଣି ସାମନ୍ତ ଅଡ଼ିଟୋରିୟମଠାରେ ବୁଧବାର ଓଡ଼ିଶା କୋଠାବାଡ଼ି ଓ ଅନ୍ୟାନ୍ୟ ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡ ତରଫରୁ ପଞ୍ଜୀକୃତ ଶ୍ରମିକମାନଙ୍କୁ ସହାୟତା ରାଶି ବଣ୍ଟନ ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଶ୍ରମ ଅଧିକାରୀ ସଚ୍ଚିଦାନନ୍ଦ ଜେନାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରରେ ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାର ନିର୍ମାଣ ଶ୍ରମିକଙ୍କ ବିକାଶ ପାଇଁ କରିଥିବା ବିଭିନ୍ନ ଯୋଜନା ବିଷୟରେ ସୂଚନା ଦେଇଥିଲେ। ଜିଲାରେ ୫୩ ହଜାର ନିର୍ମାଣ ଶ୍ରମିକ ପରିଚୟପତ୍ର ପାଇଥିବା ବେଳେ ବର୍ତ୍ତମାନ ସୁଦ୍ଧା ୨୭ ହଜାର ଶ୍ରମିକଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଥିବା କହିଥିଲେ। ଜିଲାପାଳ ଡ. ଏନ୍ ତିରୁମାଲା ନାୟକ୍ ସମ୍ମାନିତ ଅତିଥି ଭାବେ ଯୋଗଦେଇ ରାଜ୍ୟ ସରକାରଙ୍କ ତରଫରୁ ମିଳୁଥିବା ସହାୟତା ପାଇଁ ନିର୍ମାଣ ଶ୍ରମିକମାନେ କୌଣସି ଦଲାଲ୍‌ଙ୍କ ସହାୟତା ନ ନେଇ ସିଧାସଳଖ ଜିଲା ଶ୍ରମ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଯାଇ ଆବେଦନ କରିବାକୁ ପରାମର୍ଶ ଦେଇଥିଲେ। ଶ୍ରମିକମାନଙ୍କ ପାଇଁ ସାଇକେଲ୍, ବିଭିନ୍ନ ଉପକରଣ, ମୃତ୍ୟୁକାଳୀନ ସହାୟତା, ଝିଅ ବିବାହ ପାଇଁ ଆର୍ଥିକ ସହାୟତା, ପ୍ରସବକାଳୀନ ସହାୟତା, ପେନ୍‌ସନ ଯୋଜନା, ପକ୍କା ଘର ଯୋଗାଇ ଦିଆଯାଉଥିବା ନେଇ ଜିଲାପାଳ ନାୟକ୍ ସୂଚନା ଦେଇଥିଲେ। ଏହି ଅବସରରେ ବିଭିନ୍ନ ଯୋଜନାରେ ନୟାଗଡ଼ ବ୍ଲକର ୪୬୯ ଜଣ ନିର୍ମାଣ ଶ୍ରମିକଙ୍କୁ ୩୭ ଲକ୍ଷ ୬ ହଜାର ଟଙ୍କାର ସହାୟତା ରାଶି ବଣ୍ଟନ କରାଯାଇଥିଲା। ଶେଷରେ ଅତିରିକ୍ତ ଶ୍ରମ ଅଧିକାରୀ ଲୋକନାଥ ପଣ୍ଡା ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### ମୃତକଙ୍କ ଚକ୍ଷୁ ଦାନ



ବ୍ରହ୍ମପୁର ଅଫିସ୍,୧୯।୯:ବ୍ରହ୍ମପୁର ଗାଦିବାରିସାହିର ଇଂ. ପିଏସ୍‌ଏନ୍. ରାଓ(୮୫)ଙ୍କର ବୁଧବାର ସକାଳେ ମୃତ୍ୟୁ ହୋଇଛି । ଖବର ପାଇବା ପରେ ଫ୍ରେଣ୍ଡସ୍ ହେଲପିଂ କ୍ଲବର ଜାମୁଲା ସୁରେଶ ମୃତକଙ୍କ ଘରେ ପହଞ୍ଚି ପରିବାର ବର୍ଗଙ୍କୁ ପିଏସ୍‌ଏନ୍ ରାଓଙ୍କ ଚକ୍ଷୁଦାନ କରିବାକୁ ପରାମର୍ଶ ଦେଇଥିଲେ। ବ୍ରହ୍ମପୁର ବଡ଼ ମେଡ଼ିକାଲ୍ ଚକ୍ଷୁ ବିଭାଗ ଡା. ଜୟନ୍ତ କୁମାର ପଟେଲ୍, ଡ. ସମିର ଦାସ ଏବଂ ଡା. ଏ.ସି. ରଘୁ ପହଞ୍ଚି ଚକ୍ଷୁ ସଂଗ୍ରହ କରିଥିଲେ । ଏଠାରେ ସୂଚନା ଯୋଗ୍ୟ ଯେ, ମୃତକ ପିଏସ୍‌ଏନ୍ ରାଓ ଶିଳ୍ପ, ବୈଷୟିକ ଶିକ୍ଷା ଏବଂ ତାଲିମ୍ ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ଭାବେ ଅବସର ଗ୍ରହଣ କରିଥିଲେ ।

### ବିଜୁ ଛାତ୍ର ଜନତା ଦଳ ଜିଲା ସମ୍ପ୍ରସାରଣ କମିଟି ଗଠିତ

ବ୍ରହ୍ମପୁର ଅଫିସ୍,୧୯।୯: ବ୍ରହ୍ମପୁରସ୍ଥିତ ଜିଲା ବିଜେଡି କାର୍ଯ୍ୟାଳୟରେ ବୁଧବାର ବିଜୁ ଛାତ୍ର ଜନତା ଦଳ ଜିଲା ସଭାପତି ପ୍ରଶାନ୍ତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲାର ସମସ୍ତ ଏମ୍‌ପି ଓ ବିଧାୟକ ଏବଂ ଦଳର ବରିଷ୍ଠ ନେତୃମଣ୍ଡଳୀଙ୍କ ପରାମର୍ଶ କ୍ରମେ ରାଜ୍ୟ ସଭାପତି ରାଣା ପ୍ରତାପ ପାତ୍ରଙ୍କର ଅନୁମତି କ୍ରମେ ବିଜୁ ଛାତ୍ର ଜନତା ଦଳ ସାଙ୍ଗଠନିକ କାର୍ଯ୍ୟ ବୃଦ୍ଧି ନିମନ୍ତେ ସମ୍ପ୍ରସାରଣ କମିଟି ଘୋଷଣା ସହ ନୂତନ ଦାୟିତ୍ୱ ପ୍ରଦାନ କରାଯାଇଛି । ଏହି ସମ୍ପ୍ରସାରଣ କମିଟିରେ ତାପସ କୁମାର ସାହୁଙ୍କୁ ଉପସଭାପତି ଏବଂ ବେଣୁଧର ବେହେରାଙ୍କୁ ସୋସିଆଲ ମିଡିଆ ଓ ମିଡିଆ ସେଲର ଦାୟିତ୍ୱ ପ୍ରଦାନ କରାଯାଇଥିବା ସୂଚନା ଦିଆଯାଇଛି । ସେହିପରି ଜଗନ୍ନାଥ ପ୍ରଧାନଙ୍କୁ ସମ୍ପାଦକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି । ନୂତନ କର୍ମକର୍ତ୍ତାଙ୍କୁ ଜିଲା କମିଟିର ସମସ୍ତ କର୍ମକର୍ତ୍ତାଙ୍କ ପକ୍ଷରୁ ସ୍ୱାଗତ କରାଯିବା ସହ ଆଗାମୀ ଦିନରେ ସାଙ୍ଗଠନିକ କାର୍ଯ୍ୟ ବୃଦ୍ଧି କରିବା ପାଇଁ ଆହ୍ୱାନ ଦିଆଯାଇଛି ।

### ବଧୂ ହତ୍ୟା ମାମଲାରେ ୫ ନିର୍ଦ୍ଦୋଷ

ଛତ୍ରପୁର,୧୯।୯(ଡି.ଏନ.ଏ.): ବଧୂ ହତ୍ୟା ମାମଲାରେ ୫ ଅଭିଯୁକ୍ତ ନିର୍ଦ୍ଦୋଷ ସାବ୍ୟସ୍ତ ହୋଇଛନ୍ତି । ୨୦୧୭ ସେପ୍ଟେମ୍ବର ୯ରେ ସାନ ଆର୍ଯ୍ୟପଲ୍ଲୀ ଗାଁର ପି ପାଇଡାମାଙ୍କ ତଣ୍ଟି ଚିପି ହତ୍ୟା କରାଯାଇଥିଲା । ବୁଧବାର ଛତ୍ରପୁର ଏଡିଜେ ଶିଖା ରାଣୀ ରଥ ମାମଲାର ଶୁଣାଣି କରି ସାକ୍ଷ୍ୟ ପ୍ରମାଣ ଅଭାବରୁ ୫ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରି ଖଲାସ କରିଛନ୍ତି । ଏମାନେ ହେଲେ ଆର୍ଯ୍ୟପଲ୍ଲୀ ମେରାଇନ୍ ଥାନା ଅଧୀନ ସାନ ଆର୍ଯ୍ୟପଲ୍ଲୀ ଗାଁର ପାଇଡାମାଙ୍କ ଶ୍ୱଶୁର ପି. ଗୁରେୟା, ୨ ଦିଅର ପି. ଏରେୟା ଓ ପି.ତାତେୟା, ଶାଶୁ ପି. ସିନାପିଲା ଓ ସ୍ୱାମୀ ପି.ରାମେୟା । ସରକାରଙ୍କ ପକ୍ଷରୁ ଶରତ ଚନ୍ଦ୍ର ପ୍ରଧାନ ଏବଂ ଅଭିଯୁକ୍ତଙ୍କ ପକ୍ଷରୁ ଓକିଲ ପଦ୍ମ ଚରଣ ସାହୁ ମାମଲା ପରିଚାଳନା କରୁଥିଲେ ।

## ପିଓଏସ୍ ଛଡ଼ାଇ ନେଲା ରାଶନ୍

# ରାଜ୍ୟ ଖାଦ୍ୟ ଆୟୁକ୍ତଙ୍କ ତଦନ୍ତ ନିର୍ଦ୍ଦେଶ

ବ୍ରହ୍ମପୁର ଅଫିସ୍,୧୯।୯

ରାଶନ୍ ସାମଗ୍ରୀ ନେବା ପାଇଁ କେନ୍ଦ୍ର ସରକାର ଏଣିକି ସମସ୍ତ ରାଶନ୍ ବିକ୍ରୟ କେନ୍ଦ୍ରରେ ପିଓଏସ୍(ପଏଣ୍ଟ ଅଫ୍ ସେଲ୍) ମଶିନ୍‌ରେ ଟିପ ଚିହ୍ନ ଦେବାକୁ ପଡୁଛି। ଏହି ବାୟୋମେଟ୍ରିକ୍ ବ୍ୟବସ୍ଥା ପ୍ରଚଳନ ହେବା ପରେ ଅନେକ ସମସ୍ୟା ସୃଷ୍ଟି ହେଉଛି। ବିଶେଷକରି ଯେଉଁମାନଙ୍କ ଅଙ୍ଗୁଳି କଟିଯାଇଛି କିମ୍ବା କୁଷ୍ଠ ରୋଗ ଯୋଗୁ ଆଙ୍ଗୁଳି କ୍ଷତ ହୋଇଯାଇଛି, ସେମାନେ ସମସ୍ୟା ଭୋଗୁଛନ୍ତି। ଜୁନ୍ ୨୧ତାରିଖରେ ଏନେଇ ଧରିତ୍ରୀରେ 'ପିଓଏସ୍ ଛଡ଼ାଇ ନେଲା ରାଶନ୍ ସାମଗ୍ରୀ' ଶୀର୍ଷରେ ଏକ ଖବର ପ୍ରକାଶ ପାଇଥିଲା। କୁଷ୍ଠ ରୋଗୀମାନେ କିଭଳି ଅଙ୍ଗୁଳି କ୍ଷତ ହୋଇଯାଇଥିବା ଯୋଗୁ ରାଶନ୍ ସାମଗ୍ରୀ ପାଇପାରୁ ନାହାନ୍ତି, ସେନେଇ ଉଲ୍ଲେଖ କରାଯାଇଥିଲା । ଧରିତ୍ରୀରେ ପ୍ରକାଶିତ ଏହି ଖବରକୁ ଗୁରୁତର ସହ ନେଇଛି ଓଡ଼ିଶା ରାଜ୍ୟ ଖାଦ୍ୟ ଆୟୁକ୍ତ । ଗତ ୨୬ତାରିଖରେ ଏନେଇ ରାଜ୍ୟ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗକୁ ଚିଠି ଲେଖିଥିଲେ। ଅଭିଯୋଗର ତଦନ୍ତ କରିବା କେହି ଜଣେ ମଧ୍ୟ ହିତାଧିକାରୀ ଯେମିତି ରାଶନ୍ ସାମଗ୍ରୀ ପାଇବାରୁ ବଞ୍ଚିତ ନ ହୁଅନ୍ତି, ସେଥିପ୍ରତି ଧ୍ୟାନ ଦେବାକୁ କହିଥିଲେ । ଏଥି ସହ ତଦନ୍ତ କରି ରିପୋର୍ଟ ପ୍ରଦାନ କରିବାକୁ କୁହାଯାଇଥିଲା। ଖାଦ୍ୟ ଆୟୁକ୍ତଙ୍କଠାରୁ ନିର୍ଦ୍ଦେଶ ଆସିବା ପରେ ରାଜ୍ୟ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗ ମଧ୍ୟ ଗୁରୁତ୍ୱ ଦେଇଛି । ଅଭିଯୋଗର ତଦନ୍ତ କରିବା ସହ ରିପୋର୍ଟ ପ୍ରଦାନ କରିବାକୁ ବୁଧବାର ଗଞ୍ଜାମ ଜିଲାପାଳଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ସୂଚନାଯୋଗ୍ୟ, ପ୍ରାୟତଃ ସମସ୍ତ ସରକାରୀ ଯୋଜନାର ସୁଫଳ ନେବା



ODISHA STATE FOOD COMMISSION
A-1(9th Floor), Toshali Bhawan,
Satyanagar, Bhubaneswar
Ph: 0674-2570151, 0674-2570141(FAX)
email:odishafoodcom@gmail.com

No. 1822 /FC, Bhubaneswar, dated the 25 June, 2018.
FC-PC-47/2018

From
Miss Rajashree Mohanty, OAS(S),
Member Secretary.

To
The Commissioner-cum-Secretary to Government,
FS & CW Department.

Sub: Factual report on the news items published in "The Dharitri, dt.21.06.2018 regarding 'ପିଓଏସ୍ ଛଡ଼ାଇ ନେଲା ରାଶନ୍ ସାମଗ୍ରୀ'

Sir,

With reference to the subject cited above, I am directed to draw your attention on the News item published in the daily Newspaper "The Dharitri " dtd.21.06.2018 (copy enclosed) and to say that the factual report on the news item may be furnished to the Commission at the earliest.

Further, you are requested to intervene in the matter urgently so that all Ration Card holders get their ration in time.

Yours faithfully,
Member Secretary

Memo No. 1823 / FC, dtd. 25/6/2018
Copy forwarded to C.S.O., Ganjam for information and necessary action. It is requested to sort out this problem quickly and no one should deprived of the entitlements on this ground.

Member Secretary

BY FAX/E_MAIL

GOVERNMENT OF ODISHA
FOOD, SUPPLIES & CONSUMER WELFARE DEPARTMENT

No. 09680601352017 18234 / Bhubaneswar, Dated, 17/7/18

From
M. Q. Haque
Joint Secretary to Government

To
The Collector
Ganjam

Sub: Factual report on the news items published in "Dharitri ", dt. 21.06.2018 regarding "POS ଛଡାଇ ନେଇଛି ରାସନ ସାମଗ୍ରୀ ".

Sir,

With reference to the subject cited above , I am directed to enclose here with the copy of press clipping dt. 21/06/2018 published in the Odia daily "The Dharitri" and to request that the matter may be enquired into and necessary action may kindly be taken at your level under intimation to this Department at the earliest for the onward transmission of the same to Odisha State Food Commission.

Yours faithfully
Joint Secretary to Government

ରାଜ୍ୟ ଖାଦ୍ୟ ଆୟୁକ୍ତ ଏବଂ ଖାଦ୍ୟ ଯୋଗାଣ ଏବଂ ଖାଉଟି କଲ୍ୟାଣ ବିଭାଗର ରିପୋର୍ଟ ତଲବ ।

**ଧରିତ୍ରୀ ପ୍ରଭାବ**

ପାଇଁ କେନ୍ଦ୍ର ସରକାର ଆଧାର କାର୍ଡ଼କୁ ବାଧ୍ୟତାମୂଳକ କରିଛନ୍ତି। ଆଧାର କାର୍ଡ଼ କରିବାକୁ ହେଲେ ଟିପ ଚିହ୍ନ ଦେବାକୁ ପଡୁଛି। ଯେଉଁମାନଙ୍କ ଅଙ୍ଗୁଳିରେ ସମସ୍ୟା ରହିଛି, ସେମାନେ ଟିପ ଚିହ୍ନ ଦେଇ ପାରୁନାହାନ୍ତି । ଆଧାର କାର୍ଡ଼ ଏବଂ ରାଶନ କାର୍ଡ଼କୁ ସଂଯୋଗୀକରଣ କରାଯାଇଛି। ପ୍ରତ୍ୟେକ ରାଶନ ବିକ୍ରୟ କେନ୍ଦ୍ରରେ ପିଓଏସ୍ ମେଶିନ୍ ରଖାଯାଇଛି। ରାଶନ୍ ସାମଗ୍ରୀ ନେବାକୁ ହେଲେ ପିଓଏସ୍‌ରେ ଟିପଚିହ୍ନ ଦେବାକୁ ପଡୁଛି। ଫଳରେ କୁଷ୍ଠ ରୋଗୀମାନେ ସାମଗ୍ରୀ ନେଇପାରୁ ନାହାନ୍ତି । ବ୍ରହ୍ମପୁର ନୀଳକଣ୍ଠନଗରର ପ୍ରାୟ ୪୦ ପରିବାର ଏନେଇ ଜୁନ୍ ୨୧ତାରିଖରେ ବ୍ରହ୍ମପୁର ଉପଜିଲାପାଳଙ୍କ ନିକଟରେ ଅଭିଯୋଗ କରିଥିଲେ।

# ବିଏମ୍‌ସିର ଜବରଦଖଲ ଉଚ୍ଛେଦ



ତୁଳସୀନଗରରେ ଜବରଦଖଲ ଉଚ୍ଛେଦ କରାଯାଉଛି ।

ବ୍ରହ୍ମପୁର ଅଫିସ,୧୯।୯

ବ୍ରହ୍ମପୁର ମହାନଗର ନିଗମ(ବିଏମ୍‌ସି) ପକ୍ଷରୁ ସହରର ବିଭିନ୍ନ ଅଞ୍ଚଳରେ ବୁଧବାର ଜବରଦଖଲ ଉଚ୍ଛେଦ କରାଯାଇଛି। ତୁଳସୀନଗର ମୁଖ୍ୟରାସ୍ତା ଓ ସୋମନାଥ ନଗରରେ ଡ୍ରେନେଜ ଓ ରାସ୍ତା ଉପରେ ଥିବା ଜବରଦଖଲ ହଟାଇ ଦିଆଯାଇଥିଲା । ତୁଳସୀନଗର ରାସ୍ତା ସମ୍ପ୍ରସାରଣ ଓ ଡ୍ରେନ୍ ନିର୍ମାଣ ପାଇଁ ଉଭୟ ପାର୍ଶ୍ୱରେ ଥିବା ପ୍ରାୟ ୪୦ ଘର ଓ ଦୋକାନର ସମ୍ମୁଖ ଭାଗର ପ୍ରାୟ ୪ ଫୁଟ ଅଞ୍ଚଳ ଉପରୁ ଜବରଦଖଲ ଉଚ୍ଛେଦ କରାଯାଇଥିଲା । ସେହିପରି ସୋମନାଥ ନଗରରେ ଜବରଦଖଲ ହୋଇ ରହିଥିବା ୬ ରୁ ଊର୍ଦ୍ଧ୍ୱ ଘର ସମ୍ମୁଖ ଭାଗକୁ ବୁଲଡୋଜର ଦ୍ୱାରା ଉଚ୍ଛେଦ କରାଯାଇଥିଲା । ଉଭୟ ଅଞ୍ଚଳରେ ରାସ୍ତା ପ୍ରଶସ୍ତୀକରଣ ଓ ଡେନ୍ ନିର୍ମାଣ ପାଇଁ ଏହି ଉଚ୍ଛେଦ କରାଯାଇଥିବା ବିଏମ୍‌ସି ଏନଫୋର୍ସମେଣ୍ଟ ଅଫିସର ତରୁଣ କାନ୍ତ ସୂଚନା ଦେଇଛନ୍ତି। ଉଚ୍ଛେଦ ବେଳେ ସହାକାରୀ ନିର୍ବାହୀଯନ୍ତ୍ରୀ ଏମ୍. ନାଗେଶ୍ୱର ସୁବୁଦ୍ଧି ଓ ଏନ୍‌ଫୋର୍ସମେଣ୍ଟ ସ୍କ୍ୱାର୍ଡର ସମସ୍ତ କର୍ମକର୍ତ୍ତା ଉପସ୍ଥିତ ରହି ସହଯୋଗ କରିଥିଲେ ।

# ଆର୍ଯ୍ୟଭଟ୍ଟ ପକ୍ଷରୁ ପ୍ଲାଷ୍ଟିକ, ପଲିଥିନ ବର୍ଜନ ନେଇ ସଚେତନତା ସଭା



ଏମ୍‌କେସିଜି ମେଡିକାଲ ପରିସରରେ ସ୍ୱେଚ୍ଛାସେବୀମାନେ ପ୍ଲାଷ୍ଟିକ, ପଲିଥିନ ବର୍ଜନ ନେଇ ସଚେତନତା ପୋଷ୍ଟରକୁ ପ୍ରଦର୍ଶନ କରୁଛନ୍ତି ।

ବ୍ରହ୍ମପୁର ଅଫିସ,୧୯।୯

ଆର୍ଯ୍ୟଭଟ୍ଟ ଫାଉଣ୍ଡେଶନ ଏବଂ ଫୋରମ ଫର ଗଞ୍ଜାମ ଆନୁକୂଲ୍ୟରେ ସ୍ଥାନୀୟ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତି ଭେଷଜ ମହାବିଦ୍ୟାଳୟ ଏବଂ ଚିକିତ୍ସାଳୟ ଫାଟକ ନିକଟରେ ପଲିଥିନ ଏବଂ ପ୍ଲାଷ୍ଟିକ ବର୍ଜନ ନିମନ୍ତେ ବୁଧବାର ଏକ ପଥପ୍ରାନ୍ତ ସଭା ଆୟୋଜିତ ହୋଇଥିଲା । ଏଥିରେ ବରିଷ୍ଠ ଚିକିତ୍ସକ ଡା. ପି.ସି. ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇ ପ୍ଲାଷ୍ଟିକ ଓ ପଲିଥିନ ବର୍ଜନ ପାଇଁ ସଚେତନତା ନିମନ୍ତେ ପ୍ରସ୍ତୁତ ହୋଇଥିବା ପ୍ରଚାର ପତ୍ର ଓ ପୋଷ୍ଟରକୁ ଉନ୍ମୋଚନ କରିଥିଲେ । ଏହାପରେ ସ୍ୱେଚ୍ଛାସେବୀମାନେ ମର୍ଦ୍ଦରାଜ ଭେଣ୍ଡିଂଜୋନ, ବିଜିପୁର ମାର୍କେଟ, ରେଡିଓ ଷ୍ଟେଶନ ପଛପଟେ ଥିବା ଭେଣ୍ଡିଂଜୋନରେ ପ୍ରଚାର ପତ୍ର କାନ୍ଥରେ ମାରିବା ସହ ପ୍ରଚାର ପତ୍ର ବଣ୍ଟନ ମାଧ୍ୟମରେ ପଲିଥିନ ଓ ପ୍ଲାଷ୍ଟିକ ବର୍ଜନ କରିବାକୁ ସଚେତନ କରାଇଥିଲେ । ଅନୁଷ୍ଠାନ ପକ୍ଷରୁ ଏହି କାର୍ଯ୍ୟକ୍ରମ ଏକ ସପ୍ତାହ ଧରି ଚାଲିବ । ଏଥିରେ ବରିଷ୍ଠ ସ୍ୱେଚ୍ଛାସେବୀ ତଥା ଅବସରପ୍ରାପ୍ତ ଶିକ୍ଷାବିତ ଶ୍ୟାମ ସୁନ୍ଦର ଖାଡଙ୍ଗା, ଫୋରମ ଫର ଗଞ୍ଜାମର ଇ. ତେଜେଶ୍ୱର ରାଓ, ସ୍ୱରାଜ୍ୟ ସୁବୁଦ୍ଧି, ଜେ. ସୁରେଶ, ଭୀମସେନ ସାହୁ, ଗଞ୍ଜାମ ଜିଲା ଇକୋ କ୍ଲବ ସଂଯୋଜକ ତଥା ଶିକ୍ଷାବିତ ଡ. ଶଙ୍କର ନାରାୟଣ ବେଜ ସମେତ ବହୁ ସ୍ୱେଚ୍ଛାସେବୀ ଯୋଗ ଦେଇଥିଲେ । ଏହି କାର୍ଯ୍ୟକ୍ରମକୁ ଫାଉଣ୍ଡେଶନ ଅଧ୍ୟକ୍ଷ ସୁଧୀର କୁମାର ରାଉତଙ୍କ ସମେତ ସୁକାନ୍ତ ଗୌଡ, ଶୁଭେନ୍ଦୁ ପାତ୍ର, ଭୀମରାଜୁ ପାତ୍ର, ମାଧବ ନାୟକ, ପ୍ରଦୀପ ବେହେରା ଓ ଦୀପକ ସାମଲ ଆଦି ପରିଚାଳନା କରିଥିଲେ ।

### ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର କର୍ମକର୍ତ୍ତା ଚୟନ

ବ୍ରହ୍ମପୁର ଅଫିସ, ୧୯।୯

ବ୍ରହ୍ମପୁର ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ଗଞ୍ଜାମ ଜିଲା ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ବୈଠକ ବୁଧବାର ଅନୁଷ୍ଠିତ ହୋଇଯାଇଛି । ପ୍ରଫେସର ରବି ନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅକ୍ଟୋବର ୧ରେ ସରକାରଙ୍କ ଦ୍ୱାରା ଅନୁଷ୍ଠିତ ହେବାକୁ ଥିବା ବରିଷ୍ଠ ନାଗରିକ ଦିବସର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ବରିଷ୍ଠ ନାଗରିକଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା । ଏହିଅବସରରେ ମଞ୍ଚର କର୍ମକର୍ତ୍ତା ଚୟନ କରାଯାଇଥିଲା। ସଭାପତି ଭାବେ ପ୍ରଫେସର ଡ. ରବି ନାରାୟଣ ମିଶ୍ରଙ୍କୁ ଚୟନ କରାଯାଇଥିବା ବେଳେ ଶିଶିର କୁମାର ଦାଶ ଉପସଭାପତି ରଜନୀକାନ୍ତ ମଣ୍ଡଳ ସମ୍ପାଦକ, ପ୍ରଫେସର ଡ. ବ୍ରଜମୋହନ ସାସମଲ ଉପଦେଷ୍ଟା, ଜିତେନ୍ଦ୍ର କୁମାର ପଟ୍ଟନାୟକ ଆଇନ ପରାମର୍ଶଦାତା, ରାଧାଚରଣ ନାୟକଙ୍କୁ କାର୍ଯ୍ୟକାରୀ ସଭାପତି, ଦୀନବନ୍ଧୁ ଶ୍ରୀପଲ୍ଲବ ସାଧାରଣ ସମ୍ପାଦକ ଏବଂ ନରସିଂହ ପାଣିଗ୍ରାହୀଙ୍କୁ କୋଷାଧ୍ୟକ୍ଷ ଭାବେ ଚୟନ କରାଯାଇଥିଲା । ବୈଠକରେ ମନ୍ମଥ ପାଢୀ, ଉମାକାନ୍ତ ଦାଶ, ଇଂ ସୁବାସ ଚନ୍ଦ୍ର ମହାରଣା, ପୀତାମ୍ବର ସାହୁ, ନିରଞ୍ଜନ ପଟ୍ଟନାୟକ, ରାଜ କିଶୋର ସ୍ୱାଇଁ, ସ୍ୱର୍ଣ୍ଣପ୍ରଭା ମିଶ୍ର, କେଏଏସ୍. ପାତ୍ର, ଏସ. ପ୍ରକାଶ ଚନ୍ଦ୍ର ପାତ୍ର, ହାଡିବନ୍ଧୁ ମାଳୀଙ୍କ ସମେତ ବହୁ ବରିଷ୍ଠ ନାଗରିକ ଉପସ୍ଥିତ ଥିଲେ । ସାଧାରଣ ସମ୍ପାଦକ ଶ୍ରୀପଲ୍ଲବ ଧନ୍ୟବାଦ ଦେଇଥିଲେ ।

## ପିଜି ଡାକ୍ତରୀ ଛାତ୍ରଙ୍କୁ ଆକ୍ରମଣ, ଅଭିଯୁକ୍ତ ଗିରଫ

# ଏମ୍‌କେସିଜି କାଜୁଆଲଟିରେ ୪ ଘଣ୍ଟା ସେବା ବନ୍ଦ

ବ୍ରହ୍ମପୁର ଅଫିସ୍,୧୯।୯



ଗିରଫ ପିଣ୍ଟୁ ଦୋରା ।

ବ୍ରହ୍ମପୁର ବଡ଼ ମେଡିକାଲ କାଜୁଆଲଟି (ଆଶୁ ଚିକିତ୍ସା ବିଭାଗ)ରେ କାର୍ଯ୍ୟରତ ଜଣେ ପିଜି ଡାକ୍ତରୀ ଛାତ୍ରଙ୍କୁ ରୋଗୀଙ୍କ ସମ୍ପର୍କୀୟ ଆକ୍ରମଣ କରିଥିବା ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ଜଣେ ଅଭିଯୁକ୍ତଙ୍କୁ ବୁଧବାର ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଜଣକ ହେଲେ କମାପଲୀ ଖଳା ସାହିର ପିଣ୍ଟୁ ଦୋରା(୨୭) । ମଙ୍ଗଳବାର ରାତି ପ୍ରାୟ ୧୧ଟା ୧୫ରେ ପିଣ୍ଟୁ ତାଙ୍କର ଜଣେ ସମ୍ପର୍କୀୟଙ୍କ କାନରେ ଯନ୍ତ୍ରଣା ହେବାରୁ ଏମ୍‌କେସିଜି କାଜୁଆଲଟିକୁ ଆଣିଥିଲେ । ଉକ୍ତ ବିଭାଗ ଡାକ୍ତର ନ ଥିବା ବେଳେ ସର୍ଜରୀ ବିଭାଗ ପିଜି ପ୍ରଥମ ବର୍ଷ ଛାତ୍ର ଡାକ୍ତର ରାମକୃଷ୍ଣ ଧଳଙ୍କୁ ଦେଖାଇଥିଲେ । ସମ୍ପୃକ୍ତ ବିଭାଗ ଡାକ୍ତର ଆସିଲେ ତାଙ୍କୁ ପରୀକ୍ଷା କରି ଚିକିତ୍ସା କରିବେ ବୋଲି ଧଳ କହିବାରୁ ପିଣ୍ଟୁ ଉତ୍କ୍ଷିପ୍ତ ହୋଇ ତାଙ୍କୁ ମାଡମାରି ପଳାଇ ଯାଇଥିଲେ । ଏହାପରେ ଏମ୍‌କେସିଜିର ସମସ୍ତ ପିଜି ଡାକ୍ତରୀ ଛାତ୍ରୀଛାତ୍ର କାଜୁଆଲଟିରେ ଏକାଠି ହୋଇ କାର୍ଯ୍ୟବନ୍ଦ ନିଷ୍ପତ୍ତି ନେଇଥିଲେ । ଫଳରେ କାଜୁଆଲଟିରେ ରାତି ପ୍ରାୟ ୩ଟା ପର୍ଯ୍ୟନ୍ତ ଦୀର୍ଘ ୪ ଘଣ୍ଟା ଧରି ରୋଗୀ ସେବା ବନ୍ଦ ରହିଥିଲା । ଏମ୍‌କେସିଜି ଫାଣ୍ଡି ପୋଲିସ ସହ ବୈଦ୍ୟନାଥପୁର ପୋଲିସ କାଜୁଆଲିଟିରେ ପହଞ୍ଚି ଛାତ୍ରୀଛାତ୍ରଙ୍କୁ ବୁଝାଶୁଝା କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା । ପରେ ବଡ଼ମେଡିକାଲ ଅଧୀକ୍ଷକ ପ୍ରଫେସର ଡାକ୍ତର ଚରଣ ପଣ୍ଡା ସେଠାରେ ପହଞ୍ଚି ଆଲୋଚନା କରିଥିଲେ । ହେଲେ ଅଭିଯୁକ୍ତ ଗିରଫ ନ ହେବା ଯାଏ କାର୍ଯ୍ୟବନ୍ଦ ରହିବ ବୋଲି ଦାବି କରି ପିଜି ଛାତ୍ରୀଛାତ୍ର ଜିଦ୍ ଧରି ବସିଥିଲେ, ଫଳରେ ପରିସ୍ଥିତି ଜଟିଳ ହୋଇଥିଲା । ପରେ ଆକ୍ରମଣର ଶିକାର ହୋଇଥିବା ଡାକ୍ତର ଧଳ ଥାନାରେ ଏତଲା ଦେଇଥିଲେ । ଏତଲାକୁ ଭିତ୍ତିକରି ପୋଲିସ ନଂ ୧୯୩/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଏମ୍‌କେସିଜି କାଜୁଆଲଟିରେ ଲାଗିଥିବା ସିସିଟିଭି ଯାଞ୍ଚ କରିଥିଲେ । ଘଟଣାର ସରଜମିନ ତଦନ୍ତ କରି ଅଭିଯୁକ୍ତ ପିଣ୍ଟୁଙ୍କ ଘରେ ଚଢାଉ କରାଯାଇ ପୋଲିସ ତାଙ୍କୁ ଗିରଫ କରିଥିଲା । ପିଣ୍ଟୁଙ୍କ ଗିରଫ ପରେ ପିଜି ଡାକ୍ତରୀ ଛାତ୍ରୀଛାତ୍ରମାନେ କାର୍ଯ୍ୟରେ ଯୋଗ ଦେଇଥିଲେ ଏବଂ ୪ ଘଣ୍ଟା ପରେ କାଜୁଆଲିଟିରେ ରୋଗୀ ସେବା ସ୍ୱାଭାବିକ ହୋଇଥିଲା । ବୁଧବାର ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଜୟକୃଷ୍ଣ ପଟ୍ଟନାୟକ ଏବଂ ତଦନ୍ତକାରୀ ଅଧିକାରୀ ସତ୍ୟନାରାୟଣ ପାଢୀ ସୂଚନା ଦେଇଛନ୍ତି ।

## ମାଓବାଦୀ ସମ୍ପର୍କିତ ଚିଠି ଜବତ ମାମଲା

# ନିର୍ଦ୍ଦୋଷରେ ଖଲାସ ହେଲେ ସବ୍ୟସାଚୀ, ଦଣ୍ଡପାଣି

ବ୍ରହ୍ମପୁର ଅଫିସ୍,୧୯।୯



କୋର୍ଟରେ ସବ୍ୟସାଚୀ ପଣ୍ଡା ଏବଂ ଦଣ୍ଡପାଣି ।

ମାଓବାଦୀ ସମ୍ପର୍କିତ ଚିଠି ଜବତ ମାମଲାରେ ନିର୍ଦ୍ଦୋଷରେ ଖଲାସ ହୋଇଛନ୍ତି ମାଓବାଦୀ ନେତା ସବ୍ୟସାଚୀ ପଣ୍ଡା ଏବଂ ମାଓବାଦୀ ମଧ୍ୟସ୍ଥ ଦଣ୍ଡପାଣି ମହାନ୍ତି । ଅତିରିକ୍ତ ଜିଲା ସେସନ୍ ଜଜ୍ ସଞ୍ଜୟ କୁମାର ସାହୁ ବୁଧବାର ଏହି ବୃତ୍ତାନ୍ତ ରାୟ ପ୍ରକାଶ କରିଛନ୍ତି । ମାଓବାଦୀ ଗତିବିଧିରେ ସମ୍ପୃକ୍ତ ଥିବା ମାମଲାରେ ଦୀର୍ଘ ୭ ବର୍ଷ ପରେ ଏହି ରାୟ ପ୍ରକାଶ ପାଇଛି।

ସୂଚନାଯୋଗ୍ୟ, ୨୦୧୧, ଜୁଲାଇ ୨୧ ରେ ସବ୍ୟସାଚୀଙ୍କଠାରୁ ଏକ ମାଓବାଦୀ ଗତିବିଧି ହାତଲେଖା ଚିଠି ଧରି କନ୍ଧମାଳ ଜିଲା ହାତୀମୁଣ୍ଡା ସରପଞ୍ଚ ପ୍ରଦୀପ ମଲିକ ବୈଦ୍ୟନାଥପୁର ଥାନା ଅନ୍ତର୍ଗତ ଶାନ୍ତିନଗରସ୍ଥିତ ଦଣ୍ଡପାଣିଙ୍କ ଘରକୁ ଆସୁଥିଲେ । ଖବର ପାଇ ପୋଲିସ ପ୍ରଦୀପଙ୍କୁ ଗିରଫ କରିବା ସହ ହାତଲେଖା ଚିଠି ଜବତ କରି ସବ୍ୟସାଚୀ ଏବଂ ଦଣ୍ଡପାଣିଙ୍କ ବିରୋଧରେ ମାମଲା ରୁଜୁ କରିଥିଲା । ନଂ. ୧୨୨/୧୧ରେ ମାମଲା ରୁଜୁ କରି ସମସ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା । କୋର୍ଟ ଏସ୍‌ଟି ନଂ ୩୪/୧୫ର ଏହି ମାମଲାର ବିଚାର ସମୟରେ ୨ ଜଣ ବାହାର ସାକ୍ଷୀ, ୬ ପୋଲିସ ଅଫିସର ଏବଂ ଅନ୍ୟ ୨ଜଣ ଅଫିସର ଏଭଳି ୧୦ ଜଣ ସାକ୍ଷୀଙ୍କ ବୟାନ ଗ୍ରହଣ ହୋଇଥିଲା । ପୂର୍ବରୁ ୟୁଏପି ଆକ୍ଟର ସମସ୍ତ ଦଫାରୁ ଅତିରିକ୍ତ ଜିଲା ଜଜ୍ ଉଭୟ ଅଭିଯୁକ୍ତଙ୍କୁ ମୁକାଳି ଦେଇଥିବା ବେଳେ କେବଳ ୧୨୪(ଏ) ଭାରତୀୟ ପଙ୍ଗଳ କୋର୍ଡ ଧାରାରେ ମକଦ୍ଦମା ଚାଲିଥିଲା । ଉପଯୁକ୍ତ ସାକ୍ଷ୍ୟ ପ୍ରମାଣ ଅଭାବରୁ ବୁଧବାର ଏଡିଜେ ସାହୁ ଉଭୟ ଅଭିଯୁକ୍ତଙ୍କୁ ନିର୍ଦ୍ଦୋଷରେ ଖଲାସ କରିବା ପାଇଁ ବୃତ୍ତାନ୍ତ ରାୟ ପ୍ରକାଶ କରିଥିଲେ । ସବ୍ୟସାଚୀଙ୍କ ପାଇଁ ଆଇନଜୀବୀ ଦୀପକ ପଟ୍ଟନାୟକ ଏବଂ ଦଣ୍ଡପାଣିଙ୍କ ପାଇଁ ଆଇନଜୀବୀ ସୁଧାଂଶୁ ଶେଖର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ ।

ପ୍ରକାଶଯେ, ସବ୍ୟସାଚୀଙ୍କ ବିରୋଧରେ ଥିବା ୧୩୪ ମାମଲାରୁ ୪୧ଟିରେ ସେ ନିର୍ଦ୍ଦୋଷରେ ଖଲାସ ହୋଇଥିବା ବେଳେ ଦଣ୍ଡପାଣିଙ୍କ ବିରୋଧରେ ଥିବା ୨୫ ମାମଲାରୁ ଅଦ୍ୟାବଧି ୨୨ଟିରେ ନିର୍ଦ୍ଦୋଷରେ ଖଲାସ ହୋଇସାରିଛନ୍ତି । ମହାନ୍ତିଙ୍କୁ ହାଜର କରାଯାଇଛି ।

## ବ୍ରହ୍ମପୁରରେ ପ୍ଲାଷ୍ଟିକ,ପଲିଥିନ ବନ୍ଦନେଇ ପ୍ରଶାସନର ତତ୍ପରତା

# ବିଏମ୍‌ସିରେ ଜିଲାପାଳଙ୍କ ଜରୁରୀ ବୈଠକ ଆଜି

ବ୍ରହ୍ମପୁର ଅଫିସ,୧୯।୯

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଅକ୍ଟୋବର ୨ରୁ ପଲିଥିନ୍ ନିଷିଦ୍ଧ ନିର୍ଦ୍ଦେଶ ଦିଆଯାଇଛି । ବ୍ରହ୍ମପୁର ସହରରେ ପଲିଥିନ ଓ ପ୍ଲାଷ୍ଟିକ ସାମଗ୍ରୀ ସମ୍ପୂର୍ଣ୍ଣ ବ୍ୟାନ କରାଯିବା ଉପରେ ବିଏମ୍‌ସି, ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି । ସହରରେ ପଲିଥିନ, ସିଙ୍ଗିଲ ୟୁଜଡ ପ୍ଲାଷ୍ଟିକ, ଥର୍ମୋକୋର ଭଳି ପରିବେଶକୁ ପ୍ରଦୂଷିତ ସାମଗ୍ରୀ ବିକ୍ରି ଉପରେ ରୋକ ଲଗାଯିବା ସହ ଏହାକୁ ବନ୍ଦ କରାଯିବା ନେଇ ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଗୁରୁବାର ବିଏମ୍‌ସି ସମ୍ମିଳନୀ କକ୍ଷରେ ଏକ ଜରୁରୀ ବୈଠକ ଡକାଇଛନ୍ତି । ଏହି ବୈଠକରେ ଜିଲା ଚାମ୍ବର ଅଫ କମର୍ସ, ବ୍ରହ୍ମପୁର ହୋଟେଲ ଆସୋସିଏଶନ, ବ୍ରହ୍ମପୁର ପ୍ଲାଷ୍ଟିକ ଆସୋସିଏଶନ, କଲ୍ୟାଣ ମଣ୍ଡପ ଆସୋସିଏଶନ କର୍ମକର୍ତ୍ତା ଭାଗ ନେବାକୁ ଥିବା ସୂଚନା ମିଳିଛି ।

ସୂଚନାଯୋଗ୍ୟ, ଏହାପୂର୍ବରୁ ଜୁଲାଇରେ ତତ୍କାଳୀନ ଉପଜିଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ, ବିଏମ୍‌ସି କମିଶନର ଚକ୍ରବର୍ତ୍ତୀ ସିଂ ରାଠୋରଙ୍କ ଅଧ୍ୟକ୍ଷତାରେ ଏକ ଜରୁରୀ ବୈଠକ ବ୍ରହ୍ମପୁର ଉପଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଉପସ୍ଥିତ ଚାମ୍ବର ଅଫ୍ କମର୍ସର ସଦସ୍ୟ, ପ୍ଲାଷ୍ଟିକ ଓ ପଲିଥିନ ହେଲସେଲର, ରିଟେଲର ବ୍ୟବସାୟୀଙ୍କୁ ପଲିଥିନ, ସିଙ୍ଗଲ ୟୁଜଡ ପ୍ଲାଷ୍ଟିକକୁ ବ୍ୟାନ ନେଇ ସଚେତନ କରାଯିବା ସହ ସେପ୍ଟେମ୍ବର ୧୫ ସୁଦ୍ଧା ପଲିଥିନ, ପ୍ଲାଷ୍ଟିକ ସାମଗ୍ରୀ ବିକ୍ରି ବନ୍ଦ କରି ଏହାର ବିକଳ୍ପ କାଗଜ, କପଡା ତିଆରି ବ୍ୟାଗ ଓ ଅନ୍ୟାନ୍ୟ ସାମଗ୍ରୀ ବ୍ୟବହାର



ଗ୍ରାହକମାନେ ଏକ ଠେଲାରୁ ପଲିଥିନରେ ପରିବା ନେଉଛନ୍ତି ।

**ଯୋଗଦେବେ ହୋଟେଲ, ଚାମ୍ବର ଅଫ କମର୍ସ, ପ୍ଲାଷ୍ଟିକ, ପଲିଥିନ ବ୍ୟବସାୟୀ**

କରାଯିବା ନେଇ ସୂଚାଇ ଦିଆଯାଇଥିଲା। ଏହା ବ୍ୟତୀତ ଉକ୍ତ ମାସରେ ଅନୁଷ୍ଠିତ କର୍ପୋରେଶନ ବୈଠକରେ ମଧ୍ୟ ସମସ୍ତ କର୍ପୋରେଟରଙ୍କୁ ଏନେଇ ଅବଗତ କରାଯାଇଥିଲା। ତଥାପି ସହରରେ ବେଧଡକ ଭାବେ ପଲିଥିନ, ସିଙ୍ଗଲ ୟୁଜଡ ପ୍ଲାଷ୍ଟିକ ସାମଗ୍ରୀର ବିକ୍ରି ବହୁଳ ହେଉଥିବା ଦେଖିବାକୁ ମିଳୁଛି ।

ଅନ୍ୟପକ୍ଷରେ ଜୁଲାଇରେ ଅନୁଷ୍ଠିତ ବୈଠକରେ ଉପଜିଲାପାଳ ଓ କମିଶନରଙ୍କ ନିର୍ଦ୍ଦେଶକ୍ରମେ କିଛି ମାତ୍ରାରେ ହେଲସେଲର ପଲିଥିନ ବ୍ୟବସାୟକୁ ବନ୍ଦ କରିଛନ୍ତି। ଅନେକ ହୋଟେଲ, ରିଟେଲର ଦୋକାନୀ ଏନେଇ ସଚେତନ ହୋଇଛନ୍ତି । ଚୋରାରେ କେତେକ କ୍ଷୁଦ୍ର ବ୍ୟବସାୟୀ ପଲିଥିନ ବ୍ୟବହାର କରୁଥିବା ଗଞ୍ଜାମ ଚାମ୍ବର ଅଫ କମର୍ସ ସମ୍ପାଦକ ସନ୍ତୋଷ ସାହୁ କହିଛନ୍ତି ।